ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.09, Bhubaneswar Wednesday, February 12, 2020 | ୨୩ତମ ବର୍ଷ ସଂଖ୍ୟା-୦୯ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୨, ୨୦୨୦ (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹..50 (Air Surcharge - 0.50P) | Member-INS

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ସପତ୍ନିକ ୨୪ରେ ଭାରତ ଗସ୍ତ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣ କ୍ରମେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଥମ ମହିଳା ଶ୍ରୀମତି ମେଲାନିୟା ଟ୍ରମ୍ପ ୨୪-୨୫ ଫେବୃଆରୀରେ ସରକାରୀ ଗସ୍ତରେ ଭାରତ ଆସିବେ । ରାଷ୍ଟ୍ରପତି ଟ୍ରମ୍ପଙ୍କର ଏହା ପ୍ରଥମ ଭାରତ ଯାତ୍ରା ହେବ । ଏହି ଅବସରରେ ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଥମ ମହିଳା ନୂଆ ଦିଲ୍ଲୀ ତଥା ଗୁଜରାତର ଅହମଦାବାଦରେ ଅନେକ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହା ବାଦ ସେମାନେ ଭାରତୀୟ ସମାଜର ବିଭିନ୍ନ ବର୍ଗର ଲୋକ ମାନଙ୍କ ସହ କଥାବାର୍ତ୍ତା କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଟ୍ରମ୍ପଙ୍କ ନେତୃତ୍ୱରେ ବାଣିଜ୍ୟ, ପ୍ରତିରକ୍ଷା, ଆତଙ୍କବାଦର ମୁକାବିଲା, ଶକ୍ତି, ଆଂଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ସମନ୍ୱୟ ତଥା ଜନ ଜନ ମଧ୍ୟରେ ସମ୍ପର୍କ ସହିତ ସମସ୍ତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ବଳରେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ଆହୁରି ଶକ୍ତିଶାଳୀ ହୋଇଛି । ଏହି ଗସ୍ତ ଫଳରେ ଉଭୟ ନେତାଙ୍କୁ ଦ୍ୱିପାକ୍ଷିକ ସମ୍ପର୍କ ରେ ପ୍ରଗତିର ସମୀକ୍ଷା କରିବା ତଥା ନିଜର ରଣନୈତିକ ଭାଗିଦାରୀକୁ ଅଧିକ ମଜବୁତ କରିବାକୁ ସୁଯୋଗ ମିଳିବ ।

ଟ୍ରାଫିକ୍‌ରେ ଫସିଲା ଆମ୍ବୁଲାନ୍ସ, ଶିଶୁପୁତ୍ର ମୃତ

ଭୁବନେଶ୍ୱର , (ପିଏନ)- ରାଜଧାନୀରେ ଟ୍ରାଫିକ୍ ଜାମ୍ ରେ ଏକ ଆମ୍ବୁଲାନ୍ସ ଫସିବାରୁ ଜଣେ ୫ ବର୍ଷର ବାଳକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଡାଇରିଆ ରୋଗରେ ପିଡୀତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଶିଶୁଟିକୁ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତର ତାକୁ କଟକ ଏସସିବିକୁ ରେଫର କରିଥିଲେ । ମାତ୍ର ସମ୍ପର୍କୀୟମାନେ ସେଠାରୁ ପଟିଆ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଯାଉଥିବା ବେଳେ ଟ୍ରାଫିକ୍ ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ପହଂଚିବାକୁ ବହୁ ବିଳମ୍ବ ହୋଇଥିଲା । ତେଣୁ ରାସ୍ତାରେ ପିଲାଟିର ମୃତ୍ୟୁ ଘଟିଥିଲା । ସେହିପରି କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଚିକିତ୍ସାରେ ଅବହେଳା ହୋଇଥିବା ମତ ଶିଶୁପୁତ୍ରର ବାପା ନିରୋଦ ନାୟକ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ମୋ ପୁଅର ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲରୁ ତାକୁ ଡାକ୍ତର କଟକ ଏସସିବି ରେଫର କରିଥିଲେ । କଟକ ଯିବାକୁ ବହୁତ ସମୟ ଲାଗିବ ବୋଲି ଆମ୍ବୁଲାନ୍ସରେ ମୁଁ ପଟିଆ ଅଂଚଳର ଏକ ଘରୋଇ ହସପିଟାଲକୁ ଆଣୁଥିଲି । କ୍ୟାପିଟାଲ ହସପିଟାଲରୁ ଘରୋଇ ହସ୍ପିଟାଲ ପହଂଚିବା ପାଇଁ ମୋତେ ଏକ ଘଂଟାରୁ ଊର୍ଦ୍ଧ୍ୱ ସମୟ ଲାଗି ଯାଇଥିଲା । ଟ୍ରାଫିକ୍ ଜାମ ଯୋଗୁ ମୋ ପୁଅ ଠିକ୍ ସମୟରେ ହସ୍ପିଟାଲରେ ପହଂଚି ପାରିଲା ନାହିଁ । ରାସ୍ତାରେ ତାର ମୃତ୍ୟୁ ଘଟିଥିଲା । ଟ୍ରାଫିକ ପୋଲିସ୍ ଆମକୁ କୌଣସି ସହଯୋଗ କରି ନଥିଲେ ବୋଲି ସେ ଅଭିଯୋଗ କରିଛନ୍ତି ।

ଦିଲ୍ଲୀରେ ପୁଣି କେଜ୍ରିୱାଲ ସରକାର

ନୂଆଦିଲ୍ଲୀ,(ପିଏନ) ଦିଲ୍ଲୀରେ ଆମ୍ ଆଦମୀ ପାର୍ଟିକୁ ଭୋଟ୍ ଦେଇ ବିଜୟୀ କରାଇଥିବାରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ, ଦିଲ୍ଲୀର ଜନସାଧାରଣ ବିକାଶ, ମୋହଲା କ୍ଲିନିକ୍, ଶିକ୍ଷା ଓ ୨୪ଘଂଟିଆ ବିଜୁଳୀ ଯୋଗାଣ ପାଇଁ ଆମ୍ ଆଦମୀ ପାର୍ଟିକୁ ଭୋଟ୍ ଦେଇଛନ୍ତି । ସେ କହିଛନ୍ତି ଯେ, ଦିଲ୍ଲୀର ଜନସାଧାରଣ ଏକ ନୂଆପ୍ରକାର ରାଜନୀତିକୁ ଜନ୍ମ ଦେଇଛନ୍ତି । ସେମାନେ ବାର୍ତ୍ତା ଦେଇଛନ୍ତି ଯେ, ସ୍କୁଲ ଓ ହସପିଟାଲ ତିଆରି ଓ ବିକାଶ କରୁଥିବା ଲୋକମାନଙ୍କୁ ହିଁ ଭୋଟ୍ ଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଟୁଇଟ୍ କରି କହିଛନ୍ତି ଯେ, ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟ ପାଇଁ ଆମ୍ ଆଦମୀ ପାର୍ଟି ଓ ଅରବିନ୍ଦ କେଜରିୱାଲଙ୍କୁ ଅଭିନନ୍ଦନ । ଦିଲ୍ଲୀର ଲୋକମାନଙ୍କର ଆଶା ଓ ଆକାଂକ୍ଷାକୁ ପୁରା କରିବା ପାଇଁ ତାଙ୍କୁ ଶୁଭକାମନା । ଅନ୍ୟପକ୍ଷରେ କଂଗ୍ରେସ ଉପ ସଭାପତି ରାହୁଲ ଗାନ୍ଧୀ ଟୁଇଟ୍ କରି କହିଛନ୍ତି ଯେ, ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ କେଜରିୱାଲ ଏବଂ ତାଙ୍କ ପାର୍ଟିକୁ ଅଭିନନ୍ଦନ ଜଣାଉଛି । ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା କହିଛନ୍ତି ଯେ, ବିଜେପି ଏହି ଜନାଦେଶକୁ ସ୍ୱୀକାର କରିବା ସହ ଏକା ଗଠନମୂଳକ ବିରୋଧୀ ଦଳର ଭୂମିକା ନିର୍ବାହ କରିବ ।

ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର : ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟିର ବିଜୟୀ ହୋଇଥିବାରୁ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ପାର୍ଟିର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ପଟ୍ଟନାୟକ ଟ୍ୱିଟରରେ ଉଲ୍ଲେଖ କରିଛନ୍ତି ଯେ ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୦ରେ ହାଟ୍ରିକ୍ ବିଜୟ ପାଇଁ ଅରବିନ୍ଦ କେଜରିୱାଲ ଓ ଆମ ଆଦମୀ ପାର୍ଟିକୁ ଶୁଭେଚ୍ଛା । ଏହାସହ ସଫଳ କାର୍ଯ୍ୟକାଳ ପାଇଁ ଶୁଭକାମନା ଜଣାଇଛନ୍ତି ନବୀନ ପଟ୍ଟନାୟକ ।

ପିଏମ-କିଷାନ ହିତାଧିକାରୀଙ୍କୁ କିଷାନ କ୍ରେଡିଟ କାର୍ଡ ବଣ୍ଟନ ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ,(ପିଏନ)- ସମସ୍ତ ପିଏମ-କିଷାନ ହିତାଧିକାରୀ ଚାଷୀଙ୍କୁ ରିହାତି ଦରରେ ସଂସ୍ଥାଗତ ଋଣ ଯୋଗାଇ ଦେବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ କିଷାନ କ୍ରେଡିଟ କାର୍ଡ (କେସିସି) ପରିପୂର୍ଣ୍ଣତା ଅଭିଯାନ ଆରମ୍ଭ କରାଯାଇଛି । ଫଳରେ ଏ ସମସ୍ତ ଚାଷୀଙ୍କୁ ଧାର୍ଯ୍ୟ ସମୟରେ ପୁନଃପରିଶୋଧ କରିବା ଉପରେ ସର୍ବାଧିକ ୪ ପ୍ରତିଶତ ସୁଧ ହାରରେ କୃଷି, ପଶୁ ଓ ମତ୍ସ୍ୟପାଳନ ଲାଗି ସ୍ୱଳ୍ପକାଳୀନ ଋଣ ମିଳିପାରିବ ।

ଏହି ଅଭିଯାନ ୧୦ ଫେବୃଆରୀରୁ ଆରମ୍ଭ ହୋଇଥିବା ବେଳେ ୧୫ ଦିନ ପର୍ଯ୍ୟନ୍ତ ଚାଲୁ ରହିବ । ଏ ସଂକ୍ରାନ୍ତରେ ବିସ୍ତୃତ ନିର୍ଦ୍ଦେଶନାମା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ, ସବୁ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ନାବାର୍ଡ ଅଧ୍ୟକ୍ଷଙ୍କୁ ଜାରି କରାଯାଇଛି । କେସିସି ଅଧୀନରେ ପିଏମ-କିଷାନ ହିତାଧିକାରୀମାନଙ୍କୁ ସାମିଲ କରିବା ନିମନ୍ତେ ଅବଲମ୍ବନ ହେବାକୁ ଥିବା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ବିବରଣୀ ଏଥିରେ ଦିଆଯାଇଛି ।

କେସିସି ନଥିବା ପିଏମ-କିଷାନ ହିତାଧିକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବା ଲାଗି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରଙ୍କ ସମେତ ବ୍ୟାଙ୍କର ଏମଡିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ସେତିକି ନୁହେଁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ କୃଷି, ପଶୁପାଳନ, ପଂଚାୟତ ଏବଂ ଗ୍ରାମୀଣ ବିକାଶ ବିଭାଗ ସଚିବଙ୍କ ଜରିଆରେ ଏପରି ହିତାଧିକାରୀଙ୍କ ସହିତ ଯୋଗାଯୋଗ କରିବା ଲାଗି ମଧ୍ୟ କୁହାଯାଇଛି । ଏନଆରଏଲଏମ ଯୋଜନା ଅନ୍ତର୍ଗତ 'ବ୍ୟାଙ୍କ ସଖୀ'ମାନଙ୍କ ଜରିଆରେ ପିଏମ-କିଷାନ ହିତାଧିକାରୀମାନଙ୍କୁ ସଚେତନ କରିବେ । ଫଳରେ ହିତାଧିକାରୀମାନେ କିଷାନ କ୍ରେଡିଟ କାର୍ଡ ପାଇଁ ନିକଟସ୍ଥ ବ୍ୟାଙ୍କ ଶାଖାକୁ ଯିବା ଲାଗି ପ୍ରସ୍ତୁତ ହେବେ ।

କେସିସି ଜରିଆରେ ସୁଧ ରିହାତି ସୁବିଧା ଏଣିକି ମତ୍ସ୍ୟ ଓ ପଶୁପାଳନ କରୁଥିବା ଚାଷୀଙ୍କୁ ମଧ୍ୟ ମିଳିବ । ଏହାକୁ ଦୃଷ୍ଟିରେ ରଖି ଏପରି କୃଷକଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଅତିରିକ୍ତ ଋଣ ସୀମା ଓ ନୂଆ କ୍ରେଡିଟ କାର୍ଡ ଜାରି କରିବା ଲାଗି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରଙ୍କୁ ଅନୁରୋଧ କରାଯାଇଛି ।ଆବେଦନ ପ୍ରକ୍ରିୟାକୁ ସରଳ କରିବା ଲାଗି ଗୋଟିଏ ପୃଷ୍ଠା ବିଶିଷ୍ଟ ଏକ ସରଳ ଫର୍ମ ପ୍ରସ୍ତୁତ କରାଯାଇଛି । ପିଏମ କିଷାନ ଯୋଜନା ଅନ୍ତର୍ଗତ ବ୍ୟାଙ୍କ ନିକଟରେ ରହିଥିବା ହିତାଧିକାରୀଙ୍କ ତଥ୍ୟ ଏଥିରେ ଉପଯୋଗ କରାଯିବ । ହିତାଧିକାରୀ କେବଳ ଜମି ରେକର୍ଡ ଏବଂ ଫସଲ ବୁଣିବାର ବିବରଣୀ ଫର୍ମରେ ପୂରଣ କରିବେ ।

ସେହିପରି ଗୋଟିଏ ପୃଷ୍ଠାର ଫର୍ମ ସାରା ଦେଶର ସମସ୍ତ ପ୍ରମୁଖ ସମ୍ବାଦପତ୍ରରେ ବିଜ୍ଞାପନ ଜରିଆରେ ପ୍ରକାଶିତ ହେବ । ଏହାକୁ ହିତାଧିକାରୀ କାଟି ନେଇ ପୂରଣ କରିପାରିବେ ।

ଦ୍ୱିତୀୟ ବିମସ୍ ଟେକ୍ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପିଏନ)- ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡିଶା ବହୁ ଆଗରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଦ୍ୱିତୀୟ ବିମସ୍ ଟେକ୍ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ୧୮୯୧ ଠାରୁ ଓଡିଶା ଏପର୍ଯ୍ୟନ୍ତ ୧୦୦ଟି ବାତ୍ୟାର ସମ୍ମୁଖୀନ ହୋଇଛି । ଏହିସବୁ ବାତ୍ୟାର ଅନୁଭୂତିକୁ ନେଇ ଏହାର ମୁକାବିଲା କରିବାରେ ପ୍ରାୟତଃ ସଫଳ ହୋଇଛି । ୧୯୯୯ ବାତ୍ୟା ପରେ ଓଡିଶାରେ ଏକ୍ଷେତ୍ରରେ ସତର୍କ ହୋଇ ରହିଛି । ଜିରୋ କାଜୁଆଲଟି ହେବା ପାଇଁ ପୂର୍ବାନୁମାନ ସ୍ଥିତି ଉପରେ ଗୁରୁତ୍ୱ ଦିଆଯାଇଛି । ବିପର୍ଯ୍ୟୟ ପରିଚାଳନା ପାଇଁ ଓଡିଶାରେ ସ୍ୱତନ୍ତ୍ର ଫୋର୍ସ ଗଠନ କରାଯାଇଛି । ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ତାଲିମ୍ ମଧ୍ୟ ଦିଆଯାଉଛି । ଆସନ୍ତା ଫେବୃଆରୀ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର-ପୁରୀ ଠାରେ ହେବାକୁ ଥିବା ଏହି ଅଭ୍ୟାସର ବିଷୟ ରହିଛି 'ଭୂମିକମ୍ପ ଓ ବନ୍ୟା ତଥା ବାତ୍ୟା ଦ୍ୱାରା ଭୀଷଣ କ୍ଷତିଗ୍ରସ୍ତ ହେଉଥିବା ଐତିହ୍ୟସ୍ଥଳୀର ସୁରକ୍ଷା । ମଙ୍ଗଳବାର ଏହା ଉଦଘାଟିତ ହେବା ପରେ ଆସନ୍ତାକାଲି କୋଣାର୍କ ସ୍ଥିତ ରାମଚଣ୍ଡୀ ତଟରେ ଜଳଜ ବିପର୍ଯ୍ୟୟ ପ୍ରତିକ୍ରିୟା ଦ୍ୱାରା ଐତିହ୍ୟସ୍ଥଳୀର ସୁରକ୍ଷା ଉପରେ କ୍ଷେତ୍ର ତାଲିମ ଅଭ୍ୟାସ ଏବଂ ଫେବୃଆରୀ ୧୩ରେ ଜାତୀୟ ବିପର୍ଯ୍ୟୟ ସମୟରେ ଏହି ଅଭ୍ୟାସ ଫଳରେ ଜାତୀୟ, ଆନ୍ତର୍ଜାତୀୟ, ପ୍ରାଦେଶିକ, ଜିଲ୍ଲା ଓ ସ୍ଥାନୀୟ ସଂସ୍ଥାମାନଙ୍କୁ ସାମିଲ କରି ସମନ୍ୱୟ ରକ୍ଷା କରିବା ଦିଗରେ ପ୍ରୟାସ ଜାରି ରଖିବ । ଏହି ଉଦ୍ଦେଶ୍ୟରେ ପୁରୀ ରାମଚଣ୍ଡୀ ଠାରେ ଏକ ଅଭ୍ୟାସ ଗ୍ରାମ ସ୍ଥାପନ କରାଯାଇଛି ଯେଉଁଠାରେ ଐତିହ୍ୟ କ୍ଷୟକ୍ଷତି ସ୍ଥଳକୁ ବିଶେଷ ଧ୍ୟାନ ଦେବା ସହିତ ସେଠାରେ କିପରି ଜଳୀୟ, ବିପର୍ଯ୍ୟୟର ମୁକାବିଲା କରିହେବ ତାହାର ମଧ୍ୟ ଅଭ୍ୟାସ କରାଯିବ । ଏହି ଅଭ୍ୟାସ, ବିପର୍ଯ୍ୟୟ ସମୟର ଏକ ବାସ୍ତବିକ ରୂପରେଖ ପ୍ରଦାନ କରିବ, ଯାହା ଦ୍ୱାରା ସଂକ ବିପର୍ଯ୍ୟୟ ସମୟରେ ସଦସ୍ୟ ରାଷ୍ଟ୍ରମାନଙ୍କୁ ନେଇ ବିପର୍ଯ୍ୟୟ ମୁକାବିଲା କରିବାକୁ ଏକ ସୁନ୍ଦର ଯୋଜନା ପ୍ରସ୍ତୁତ କରିହେବ ।

ସଭ୍ୟ ରାଷ୍ଟ୍ର ବାଂଲାଦେଶ, ଭାରତ, ମିଆଁମାର, ଶ୍ରୀଲଙ୍କା ଓ ନେପାଳ ଏ ଅଭ୍ୟାସରେ ଭାଗ ନେଉଥିବାବେଳେ ଭୁଟାନ ଓ ଥାଇଲାଣ୍ଡ ଏଥିରୁ ବିରତ ରହିଛନ୍ତି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ , ପୋଲିସ୍ ଡିଜି ଶ୍ରୀ ଅଭୟ , ଏନଡିଆରଏଫ୍ ଡିଜି ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ବୁର୍ଲାରେ ଖୋଲିବ ଏନଡିଆରଏଫ୍ ଟିଟିଏଲ୍ : ଡିଜି

ଭୁବନେଶ୍ୱର,(ପିଏନ)- ଚଳିତ ବର୍ଷ ବିମସଟେକ୍ ର ଫୋକସ୍ ଐତିହାସିକ ସ୍ଥଳ ଉପରେ ରହିଛି । ଏଥିପାଇଁ ଓଡିଶାକୁ ବଛାଯାଇଛି । ଓଡିଶାରେ ରହିଥିବା ସ୍ୱର୍ଣ୍ଣ ତ୍ରିଭୁଜ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ବିମସଟେକ୍ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ଉଦଘାଟନ ପରେ ଟେବୁଲ ଟପ୍ ଅଭ୍ୟାସ୍ କରାଯାଇଛି । ଆସନ୍ତାକାଲି କ୍ଷେତ୍ରୀୟ ଅଭ୍ୟାସ କରାଯିବ । ଏଥିପାଇଁ ରାମଚଣ୍ଡୀ ଠାରେ ଏକ ହେରିଟେଜ୍ ଭିଲେଜ୍ ର ନିର୍ମାଣ କରାଯାଇଛି ବୋଲି ମଙ୍ଗଳବାର ଭୁବନେଶ୍ୱର ଠାରେ ଏନଡିଆରଏଫ୍ ଡିଜି ସତ୍ୟ ନାରାୟଣ ପ୍ରଧାନ ପ୍ରକାଶ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ସମ୍ବଲପୁରର ବୁର୍ଲା ଠାରେ ଏନଡିଆରଏଫ୍ ର ଟେମ୍ପୋରାରି ଟାକ୍ଟିକାଲ ଲୋକେସନ୍ (ଟିଟିଏଲ) ପ୍ରତିଷ୍ଠା ନେଇ ମିଳିଥିବା ପ୍ରସ୍ତାବ ଉପରେ ଆମ ଟିମ୍ ଅନୁଧ୍ୟାନ କରି ସାରିଛି । ରିପୋର୍ଟ ପଜିଟିଭ୍ ରହିଛି । ସମସ୍ତ ପ୍ରକ୍ରିୟା ପରେ ଏହା ନିର୍ଣ୍ଣୟ କରାଯିବ । ମାସେ ଦୁଇ ମାସ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେଲେ ପଶ୍ଚିମ ଓଡିଶାରେ ଏନଡିଆରଏଫ୍ ସଶକ୍ତ ହେବ । ସେହିପରି ଦକ୍ଷିଣ ଓଡିଶା ପାଇଁ ମିଳିଥିବା ସ୍ଥାନ ଉପରେ ଅନୁଧ୍ୟାନ କରାଯାଉଛି । ବର୍ତମାନ କଟକର ମୁଣ୍ଡଳୀ ଠାରେ ଏନଡିଆରଏଫ୍ ବାଟାଲିଅନ୍ ରହିଥିବା ବେଳେ ବାଲେଶ୍ୱରରେ ଆରଆରସି ରହିଛି । ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ସେବା ପହଂଚାଇବା ପାଇଁ ଚିନ୍ତା କରାଯାଉଛି ବୋଲି ସେ କହିଛନ୍ତି ।

ଖାଦ୍ୟ ଯୋଗାଣ ବିଭାଗ ମୋ ସରକାରରେ ସାମିଲ ହେଲା

ଭୁବନେଶ୍ୱର, (ପିଏନ)- ମୋ ସରକାର ହେଉଛି ଲୋକ ମାନଙ୍କର ସରକାର । ଲୋକ ମାନଙ୍କର ଠାରୁ କେହି ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି । ମୋ ସରକାର ଉଦ୍ୟମ ସରକାରୀ ଚାକିରୀ କରୁଥିବା ଲୋକ ମାନଙ୍କ ଠାରୁ ସର୍ବାଧିକ ସ୍ତରର ଉତର ଦାୟିତ୍ୱ ଦାବି କରେ । ଖାଦ୍ୟ ଯୋଗାଣ ବିଭାଗ ମୋ ସରକାର ରେ ସାମିଲ ହେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକସେବା ଭବନ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି । ମୋ ସରକାରରେ ଖାଦ୍ୟ ଯୋଗାଣ ବିଭାଗ ସାମିଲ ହୋଇଥିବାରୁ ସେ ବିଭାଗକୁ ଅଭିନନ୍ଦନ ଜଣାଇଥିଲେ ।

୩ ବର୍ଷ ଧରି ନକ୍ସଲ ହିଂସା ଘଟଣାରେ ହ୍ରାସ

୨୦୧୭ରେ ୯୦୮ ରୁ ହ୍ରାସ ପାଇ ୨୦୧୯ରେ ୬୭୦ରେ ପହଞ୍ଚିଲା

ନୂଆଦିଲ୍ଲୀ, (ପିଏନ)- ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ତିନି ବର୍ଷ ଧରି ଦେଶରେ କ୍ରମାଗତ ଭାବେ ନକ୍ସଲ ହିଂସା ଘଟଣା ହ୍ରାସ ପାଇଛି । ମଙ୍ଗଳବାର ଲୋକସଭାରେ ନକ୍ସଲ ହିଂସା ସକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତର ଦେଇ ଏହା କହିଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଜି. କିଷନ ରେଡ୍ଡୀ ।

କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ ଯେ ବ୍ୟାପକ ଭାବେ ବାମପନ୍ଥୀ ଉଗ୍ରବାଦର ମୁକାବିଲା ଲାଗି ଭାରତ ସରକାର ଜାତୀୟ ନୀତି ଓ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି । ଏଥିରେ ବହୁମୁଖୀ ଆଭିମୁଖ୍ୟ ଗ୍ରହଣ କରାଯାଇଛି ଯେପରିକି ସୁରକ୍ଷା କଡ଼ାକଡ଼ି କରିବା, ସ୍ଥାନୀୟ ସମୁଦାୟଙ୍କ ବିକାଶ ଓ ସେମାନଙ୍କ ଅଧିକାର ଓ ସୁବିଧା ସୁଯୋଗକୁ ସୁରକ୍ଷିତ ରଖିବା ଆଦି । ଏପରି ନୀତି ଗ୍ରହଣ କରାଯିବା ଫଳରେ ବାମପନ୍ଥୀ ଉଗ୍ରବାଦ ଘଟଣା ଏବଂ ନକ୍ସଲ ହିଂସା ପ୍ରବଣ କ୍ଷେତ୍ର ମଧ୍ୟ ନିୟମିତ ଭାବେ କମିବାରେ ଲାଗିଛି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୨୦୧୭ରେ ୯୦୮ଟି ନକ୍ସଲ ହିଂସା ଘଟଣା ଘଟିଥିଲା । ଏଥିରେ ୧୮୮ ଜଣ ସାଧାରଣ ନାଗରିକ ଓ ୭୫ ଜଣ ସୁରକ୍ଷାକର୍ମୀ ପ୍ରାଣ ହରାଇଥିବା ବେଳେ ୧୩୬ ଜଣ ନକ୍ସଲ ନିହତ ହେବା ସହିତ ୧୮୮୮ ଜଣ ନକ୍ସଲଙ୍କୁ ଗିରଫ କରାଯାଇଥିଲା । ୨୦୧୮ରେ ପୂର୍ବ ବର୍ଷ ଅପେକ୍ଷା କମ ଅର୍ଥାତ ୮୩୩ଟି ନକ୍ସଲ ହିଂସା ଘଟଣା ଘଟିଥିବା ବେଳେ ୧୭୩ ଜଣ ସାଧାରଣ ନାଗରିକ ଓ ୬୭ ଜଣ ସୁରକ୍ଷାକର୍ମୀଙ୍କ ପ୍ରାଣହାନି ଘଟିଥିଲା । ଏହି ବର୍ଷ ୨୨୫ ଜଣ ନକ୍ସଲ ନିହତ ହେବା ସହିତ ୧୯୩୩ ଜଣ ଗିରଫ ହୋଇଥିଲେ ।

୨୦୧୯ରେ ଘଟିଥିବା ୬୭୦ଟି ନକ୍ସଲ ହିଂସା ଘଟଣାରେ ୧୫୦ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ଘଟିଥିବା ବେଳେ ୫୨ ଜଣ ସୁରକ୍ଷାକର୍ମୀ ସହିଦ ହୋଇଥିଲେ । ଏହି ବର୍ଷ ୧୪୫ ଜଣ ନକ୍ସଲ ନିହତ ହେବା ସହ ୧୨୭୬

ଭାରତ ଭକ୍ତିର ମୁହୂର୍ତ୍ତ

ଭାରତୀୟ ଗଣତନ୍ତ୍ର କେଉଁ ଭାବେ ଶକ୍ତିଶାଳୀ ତାହା ଅଯୋଧ୍ୟାର ବହୁ ଆଲୋଚିତ ଓ ବିଶ୍ୱ ଗଣମାଧ୍ୟମର ପ୍ରମୁଖ ଖବର ସାଜିଥିବା ରାୟ ପ୍ରମାଣ କରିଛି। ଭାରତର ନ୍ୟାୟିକ ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯାହାକି ପ୍ରତିଟି ଭାରତୀୟଙ୍କ ପାଇଁ ଚିରକାଳ ଅଭୁଲା ନିଶ୍ଚୟ। ଭାରତୀୟ ଗଣତନ୍ତ୍ର ବ୍ୟବସ୍ଥା କେତେ ସୁଦୃଢ଼ ତାହା ସମଗ୍ର ବିଶ୍ୱ ଜାଣିବାକୁ ପାଇଛି ବୋଲି ଭାରତର ଶକ୍ତିଶାଳୀ ଓ ରାଷ୍ଟ୍ରଭକ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଗଠନ ହେବା ଦିନରୁ ଭାରତ ଏକ ଭିନ୍ନ ରକମର ପ୍ରଗତିଶୀଳ ରାଷ୍ଟ୍ର ଭାବେ ଆଗକୁ ପାଦ ପକାଇ ଚାଲିଛି। ସମଗ୍ର ଦେଶ ଏହାକୁ ଯେଉଁଭଳି ଭାବେ ଗ୍ରହଣ କରିଛି ତାହା ଭାରତୀୟ ସାମାଜିକ ବ୍ୟବସ୍ଥାର ପ୍ରାଚୀନ ସଂସ୍କୃତି ଓ ପରମ୍ପରାର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆଇନ ଭାଷାରେ ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ବୋଲି କୁହାଯାଏ। କିନ୍ତୁ ଭାରତର ସୁପ୍ରିମକୋର୍ଟ ଅଯୋଧ୍ୟା ରାୟ ପ୍ରକାଶ କରି ଦୃଢ଼ ଇଚ୍ଛାଶକ୍ତିର ପରିଚୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଆମ ସମସ୍ତଙ୍କ ପାଇଁ ଏକ ନୂତନ ସୂର୍ଯ୍ୟୋଦୟ ଆଣିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ଘୃଣା, ହିଂସା ଓ ବିଦ୍ୱେଷର ସ୍ଥାନ ନାହିଁ ଏହା ଏହି ରାୟ ଦ୍ୱାରା ପ୍ରମାଣିତ ହୋଇଛି। ଆମେ ଏବେ ଭବିଷ୍ୟତ ଆଡ଼କୁ ଦୃଷ୍ଟିପାତ କରିବାକୁ ହେବ। ନୂଆ ଭାରତରେ ଅନେକ ଲକ୍ଷ୍ୟ ପୂରଣ କରିବାକୁ ହେବ। ତେବେ ଦେଶର ପ୍ରତ୍ୟେକ ନାଗରିକଙ୍କ ଉପରେ ଦେଶ ନିର୍ମାଣ ଦାୟିତ୍ୱ ବଢ଼ିଯାଇଛି। ଅଯୋଧ୍ୟା ରାୟକୁ ସବୁ ପକ୍ଷ ଖୋଲା ହୃଦୟରେ ସ୍ୱାଗତ କରିବା ଏକ ବହୁତ ବଡ଼ ଉପଲବ୍ଧି। ଏହା ବିବିଧତା ମଧ୍ୟରେ ଦେଶର ଏକତାକୁ ସାବ୍ୟସ୍ତ କରିଛି ଏବଂ ସମସ୍ତଙ୍କୁ ମିଳିମିଶି ଆଗକୁ ବଢ଼ିବାକୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ, ରାମଭକ୍ତି ହେଉ ବା ରହିମ୍ ଭକ୍ତି ବର୍ତ୍ତମାନ ଭାରତ ଭକ୍ତିର ସମୟ। ସୁପ୍ରିମକୋର୍ଟଙ୍କ ଏହି ରାୟକୁ କାହାର ବିଜୟ କିମ୍ବା ପରାଜୟ ଦୃଷ୍ଟିରେ ଦେଖିବା ଉଚିତ ନୁହେଁ। ଦେଶବାସୀ ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ଏହି ରାୟ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ପ୍ରତି ୧୩୦କୋଟି ଜନସାଧାରଣଙ୍କ ବିଶ୍ୱାସକୁ ଅଧିକ ମଜଭୁତ୍ କରିଛି। ସୁପ୍ରିମକୋର୍ଟ ପ୍ରଦାନ କରିଥିବା ଏହି ରାୟ ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ କେବଳ ଭାରତୀୟ ଗଣମାଧ୍ୟମ ନୁହେଁ ସବୁ ବିଶ୍ୱ ପ୍ରମୁଖ ଗଣମାଧ୍ୟମରେ ଏହା ପ୍ରମୁଖ ଖବର ପାଲଟିଛି। ଭାରତର ସୁପ୍ରିମକୋର୍ଟର ପୂର୍ବତନ ମହାମହିମ ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ସମ୍ବିଧାନ ପୀଠ ସର୍ବସମ୍ମତିକ୍ରମେ ଶୁଣାଇଥିବା ରାୟକୁ ଯୁଗ ଯୁଗ ପାଇଁ ନିଶ୍ଚିତ ଭାବରେ ଐତିହାସିକ ଓ ସ୍ମରଣୀୟ ହୋଇରହିବ। ଆହ୍ଲାବାଦ ହାଇକୋର୍ଟ ଦ୍ୱାରା ବିବାଦୀୟ ଜମିକୁ ତିନି ପକ୍ଷଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ରାମଲଲା ବିରାଜମାନ ସପକ୍ଷରେ ରାୟ ଶୁଣାଇ ବିବାଦୀୟ ସ୍ଥଳରେ ହିଁ ମନ୍ଦିର ନିର୍ମାଣ ହେବ ଏବଂ ଏହି ଜମିକୁ ମନ୍ଦିର ନିର୍ମାଣ ପାଇଁ ହସ୍ତାନ୍ତର କରାଯିବ। ତିନି ମାସ ମଧ୍ୟରେ ଗଠିତ ହେବାକୁ ଥିବା ଟ୍ରଷ୍ଟ ଗଠନ ଲାଗି ପଦକ୍ଷେପ ନେବାକୁ କେନ୍ଦ୍ର ସରକାରକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିର ନିର୍ମାଣ ପାଇଁ ଟ୍ରଷ୍ଟ ଗଠନ ନହେବା ପର୍ଯ୍ୟନ୍ତ ଏହି ଜମି କେନ୍ଦ୍ର ସରକାରଙ୍କ ମାଲିକାନାରେ ରହିବ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ଏହା ସହିତ ମସ୍‌ଜିଦ୍ ନିର୍ମାଣ ପାଇଁ ଅଯୋଧ୍ୟାର ଏକ ଉପଯୁକ୍ତ ଓ ପ୍ରମୁଖ ସ୍ଥାନରେ ପାଞ୍ଚ ଏକର ଜମି ସୁନ୍ନି ୱାକଫ ବୋର୍ଡ଼କୁ ଦେବାଲାଗି କେନ୍ଦ୍ର ଓ ଏବଂ ଉତ୍ତର ପ୍ରଦେଶ ସରକାରଙ୍କୁ କୁହାଯାଇଛି। ଚିରକାଳ ପାଇଁ ପ୍ରତିଟି ଭାରତୀୟଙ୍କ ପାଇଁ ସ୍ମରଣୀୟ ହୋଇପାରିବା ପରି ଏହି ଯୁଗାନ୍ତକାରୀ ରାୟକୁ ଏହି ଲେଖକ ଅତି ବିନମ୍ର ଭାବେ ସହୃଦୟ ପାଠକଙ୍କ ପାଖରେ ପହଞ୍ଚାଇବାର ପ୍ରୟାସ କରୁଛି। ଏହି ପାଞ୍ଚଜଣିଆ ସାମ୍ବିଧାନିକ ପୀଠର ସମସ୍ତ ନ୍ୟାୟମୂର୍ତ୍ତୀ ବିଚାରପତି ମାନଙ୍କୁ ସହୃଦୟ ଭାବେ ଭାରତୀୟମାନେ ଅଭିନନ୍ଦନ ଜଣାଉଛନ୍ତି। ଏହି ସର୍ବସମ୍ମତ ରାୟ କାଳ କାଳ ପାଇଁ ଭାରତର ନ୍ୟାୟିକ ଇତିହାସରେ ଏକ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ସଫଳ ରାଷ୍ଟ୍ରନୀତିଜ୍ଞ ଭାବେ ଯେଉଁ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି ତାହା ବାସ୍ତବିକ ସ୍ୱାଗତଯୋଗ୍ୟ। ଜାତୀୟ ଏକତା ଓ ସଂହତିର ବିଜୟ ହୋଇଥିବା ଏହି ରାୟକୁ ଭାରତର ସମସ୍ତ ରାଜନୈତିକ ଦଳ ସମର୍ଥନ କରିଛନ୍ତି। ରାଷ୍ଟ୍ର ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ମଧ୍ୟ ସଂହତିର ମହାନ ରାୟକୁ ସ୍ୱାଗତ ଓ ସମର୍ଥନ କରିଛନ୍ତି। ତେବେ ବାସ୍ତବିକ ଆଗାମୀ ସମୟରେ ଆମ ଭାରତ ପାଇଁ ଏକ ବିରାଟ ସଂହତିର ବାର୍ତ୍ତା ହେବ ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ମୁସଲିମ୍ ଓ ବିକଳ୍ପ ସ୍ଥାନରେ ମସ୍‌ଜିଦ ନିର୍ମାଣ ପାଇଁ ହିନ୍ଦୁମାନେ ସହଯୋଗର ହାତ ବଢାଇବା। ମହାନ ଆର୍ଯ୍ୟ ସନାତନ ସଂସ୍କୃତି ଘୋଷଣା କରେ 'ବସୁଧୈବ କୁଟୁମ୍ବକମ୍' ଅର୍ଥାତ୍ ସମଗ୍ର ବସୁଧାରେ ଗୋଟିଏ ହିଁ ପରିବାର।

ଡାକ୍ତର ନୀଳମାଧବ ପୃଷ୍ଟି,
ପାଣିକୋଇଲି, ଯାଜପୁର, ଦୂରଭାଷ: ୯୪୩୯୪୮୨୫୨୬

ବଜେଟ ଅର୍ଥ ଉପଯୋଗରେ ଶିଥିଳତା

ଚଳିତ ଆର୍ଥିକବର୍ଷ ୨୦୧୯-୨୦ ପାଇଁ ରାଜ୍ୟ ସରକାର ୧ ଲକ୍ଷ ୪୬ ହଜାର ୬୧ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ହେଲେ ଗତ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ବଜେଟର ମାତ୍ର ୩୭ ପ୍ରତିଶତ ଅର୍ଥ ୫୩ ହଜାର ୨୬୫କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏବେ ଖର୍ଚ୍ଚ ବୃଦ୍ଧି ହାର ବଢାଇବା ପାଇଁ ସରକାର ଡିସେମ୍ବର ଶେଷସୁଦ୍ଧା ୬୦ ପ୍ରତିଶତରେ ପହଞ୍ଚାଇବା ଲକ୍ଷ୍ୟରେ ରଖିଥିଲେ। ଅପରପକ୍ଷେ ସରକାରଙ୍କ ଋଣଭାର ପ୍ରତିବର୍ଷ ବଢି ବଢି ଚାଲିଛି। ରାଜ୍ୟର ବିଭିନ୍ନ ବିଭାଗରେ ୧ଲକ୍ଷ ୩୧ ହଜାର ପଦବୀ ଖାଲି ପଡିଥିଲା ବେଳେ ସରକାର ସେସବୁକୁ ପୂରଣ କରିବାକୁ ଆଗ୍ରହ ପ୍ରକାଶ ନକରି ଠିକା କର୍ମଚାରୀଙ୍କ ମାଧ୍ୟମରେ କାମ ଚଳାଇବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଥିବା ନେଇ ଅଭିଯୋଗ ଉଠିଛି। ଉତ୍ତରରେ ସରକାର କହିଛନ୍ତି ଯେ ଠିକା କର୍ମଚାରୀଙ୍କୁ ପ୍ରତିବର୍ଷ ମୂଳ ଦରମାର ୧୦ ପ୍ରତିଶତ ପ୍ରଦାନ କରାଯାଇ ଛଅ ବର୍ଷ ପରେ ସେମାନଙ୍କୁ ସ୍ଥାୟୀ କରାଯାଉଛି। ସରକାରଙ୍କ ଏହି ଉତ୍ତର ବିଧାନସଭାରେ ବିରୋଧୀ ପକ୍ଷର ନେତୃବୃନ୍ଦଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ରାଜ୍ୟ ଋଣଭାର ୮୩ ହଜାର ୭୦୩ କୋଟି ହୋଇଥିଲା ବେଳେ ସୁଧ ବାବଦକୁ ପ୍ରତିବର୍ଷ ୫୫ହଜାର କୋଟି ଟଙ୍କା ପ୍ରଦାନ କରୁଛନ୍ତି। ସରକାରଙ୍କ ନିଜସ୍ୱ ଆୟ ବାର୍ଷିକ ୩୮ହଜାର ୮୫୦କୋଟି ରହିଥିବାରୁ ବ୍ୟୟ ଭାର ବଢିବାରେ ଲାଗିଛି। ଚଳିତବର୍ଷ ବଜେଟ ସମୟରେ ସରକାର କାର୍ଯ୍ୟକ୍ରମ ପାଇଁ ୭୦,୬୦୦ କୋଟି ଏବଂ ପ୍ରଶାସନିକ ବ୍ୟୟପାଇଁ ୫୭,୩୧୦କୋଟି ବରାଦ କରିଥିଲେ। ସେଥିରେ ବିପର୍ଯ୍ୟୟ ପ୍ରଶମନ ଲାଗି ୪୬୦୦କୋଟି, ପୌରସଂସ୍ଥା ପାଇଁ ବ୍ୟୟ ୬୪୯୦ କୋଟି ରଖିଥିଲେ। ସେହିପରି କୃଷି ଭିତ୍ତିଭୂମି ପାଇଁ ୨୦,୭୧୪ କୋଟି ବରାଦ କରିଥିଲେ, ବିନା ସୁଧରେ ଋଣୀମାନଙ୍କୁ ୮୦୦କୋଟି ଦେବାଲାଗି ବରାଦ ହୋଇଥିଲା। ଜଳସେଚନ ପାଇଁ ୯୭୧୩ କୋଟି ହୋଇଥିଲା। ସରକାର ରାଜ୍ୟର ୭୫ଭାଗ ନାମକୁମାତ୍ର ଋଣୀଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିଥିବା କଥା ଘୋଷଣା କରିଛନ୍ତି। ଯେଉଁ ଋଣୀ ଋଣ ନେଇ ଶୁଝିସାରିଛନ୍ତି ସେମାନଙ୍କୁ ୧ଲକ୍ଷ ଟଙ୍କା ଋଣ ବିନା ସୁଧରେ ଦେବାଲାଗି ସରକାର ଘୋଷଣା କରିସାରିଛନ୍ତି। ରାଜ୍ୟ ସରକାର ବାର୍ଷିକ କେନ୍ଦ୍ରୀୟ ଅନୁଦାନ ଓ ଟିକସ ବାବଦକୁ ୬୯,୭୬୬ କୋଟି ପାଉଛନ୍ତି। ଏମିତି ହେଲେ ରାଜ୍ୟର ମୋଟ ବଜେଟର ଅଧା କେବଳ କେନ୍ଦ୍ରୀୟ ଅନୁଦାନ ଓ ଅଂଶ। ରାଜ୍ୟର ରାଜସ୍ୱ ବୃଦ୍ଧି ପାଇଁ ଲକ୍ଷ୍ୟ ବଢୁନଥିବା ହେତୁ ଲଘୁ ଖଣିଜ କ୍ଷେତ୍ରରେ ସରକାର ବାର୍ଷିକ ୭୦ହଜାର କୋଟିର ରାଜସ୍ୱ ହରାଉଥିବାର ଅଭିଯୋଗ ହେଉଛି। ଏକଥା ସତ ଯେ ଓଡିଶା ଦେଶର ପୂର୍ବ ଉପକୂଳରେ ବିପର୍ଯ୍ୟୟ ଦୃଷ୍ଟିରୁ ସମ୍ବେଦନଶୀଳ କ୍ଷେତ୍ରରେ ରହିଛି। ତେଣୁ ପ୍ରତିବର୍ଷ ବନ୍ୟା ଏବଂ ବାତ୍ୟା ଯୋଗୁ ୨ଲକ୍ଷ ୧୩ହଜାର ୬୦୦ କିଲୋମିଟର ସଡକ ନଷ୍ଟ ହେଉଛି। ଏଥିପାଇଁ ବାର୍ଷିକ ୨୦୬କୋଟି ଟଙ୍କା ଆର୍ଥିକ କ୍ଷତି ରାଜ୍ୟ ବହନ କରୁଛି। ସେମିତି ପ୍ରତିବର୍ଷ ନଷ୍ଟ ହେଉଥିବା ସଡକର ମରାମତି ପାଇଁ ପ୍ରାୟ ୯୩କୋଟି ଟଙ୍କା ବ୍ୟୟ କରିବାକୁ ହେଉଛି।

ସରକାରଙ୍କ ବଜେଟ ଉପଯୋଗକୁ ନେଇ ଏବେ ସିଏଜି ରିପୋର୍ଟ ଆଧାରରେ ଚାଲିଛି ବିତର୍କ। ସିଏଜି ସରକାରଙ୍କ ବାର୍ଷିକ ଖର୍ଚ୍ଚ ନେଇ ଯେଉଁ ସମୀକ୍ଷାମୂଳକ ରିପୋର୍ଟ ପ୍ରଦାନ କରିଛନ୍ତି ତାକୁ କେନ୍ଦ୍ରକରି ବିରୋଧୀ ଦଳ ବିଜେପି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ୨୦୧୮ବର୍ଷରେ ୨୧,୨୦୬ କୋଟି ଅର୍ଥ ଖର୍ଚ୍ଚ ହୋଇପାରିନଥିବା ନେଇ ଉଲ୍ଲେଖ ରହିଛି। ସେମିତି ଖୋଲା ବଜାରରୁ ୧୨୧୩୦ କୋଟି ଟଙ୍କା ଋଣ କରାଯିବା ନେଇ ପ୍ରଶ୍ନ ଉଠିଛି। କାରଣ ରାଜ୍ୟସରକାରଙ୍କ ପ୍ରାୟ ୩୦,୮୪୮ କୋଟି ଟଙ୍କା ଏବେ ରିଜର୍ଭ ବ୍ୟାଙ୍କର ଜମାଖାତାରେ ରହିଛି। ଅଥଚ ବାହାର ଋଣର ସୁଧ ବାବଦକୁ ରାଜ୍ୟ ସରକାର ସାତ ପ୍ରତିଶତ ସୁଧ ଦେବାକୁ ବାଧ୍ୟ ହେବେ। ସିଏଜିଙ୍କ ରିପୋର୍ଟ ଆଧାରରେ ସରକାର ମହିଳା ଓ ଶିଶୁକଲ୍ୟାଣ କୃଷି ସ୍ୱାସ୍ଥ୍ୟ ବିଭାଗକୁ ଅଣଦେଖା କରୁଛନ୍ତି। କୃଷିରେ ୯୪୬କୋଟି, ମହିଳା ଓ ଶିଶୁବିକାଶରେ ୯୨୨କୋଟି, ସ୍ୱାସ୍ଥ୍ୟ କ୍ଷେତ୍ରରେ ୩୮୧କୋଟି, ଟଙ୍କା ରାଜ୍ୟରେ ଉପଯୋଗ ହୋଇନପାରି ପୁଣି କେନ୍ଦ୍ରକୁ ଫେରିଯାଇଛି। କିନ୍ତୁ ପୂର୍ତ୍ତବିଭାଗ ପାଇଁ ୧୦୦କି.ମି ନିର୍ମାଣ ବାବଦକୁ ୨୨୯କୋଟି ଦିଆଯାଇଥିଲେ ହେଁ ମାତ୍ର ୪୮କି.ମି ସଡକ ନିର୍ମାଣରେ ସବୁ ଟଙ୍କା ଶେଷ ହୋଇଯାଇଛି। ମୁଖମନ୍ତ୍ରୀ ସଡକ ଯୋଜନାରେ ଥିବା ୨୯୧କୋଟି ଟଙ୍କା ୪୬୨ କି.ମି ସଡକ ନିର୍ମାଣ ପରେ ସବୁ ଅର୍ଥ ଶେଷ ହୋଇଯାଇଥିବା କୁହାଯାଉଛି। ଗୋଟିଏ ପଟେ ସରକାର ଟଙ୍କା ଖର୍ଚ୍ଚ କରିପାରୁନଥିବା ସ୍ଥଳେ ଅନ୍ୟପଟେ କେନ୍ଦ୍ର ଯୋଜନାରୁ ୪ ଅର୍ଥ ମିଳିପାରୁନଥିବା ନେଇ ବାରମ୍ବାର ଅଭିଯୋଗ କରୁଛନ୍ତି। କିନ୍ତୁ ମୋଦି ସରକାର ଯେତେ ଅର୍ଥ କେନ୍ଦ୍ରରୁ ଦେଇଛନ୍ତି ବୋଧହୁଏ କୌଣସି ପୂର୍ବର କେନ୍ଦ୍ର ସରକାର ସେତିକି ଅର୍ଥ ଅନୁଦାନ ଦେଇନଥିବେ। କିନ୍ତୁ ସବୁବେଳେ ଅଭିଯୋଗ ହେଉଛି ଯେ କେନ୍ଦ୍ରରୁ ଅର୍ଥ ପାଇବାରେ ବିଳମ୍ବ ହେଉଛି। କେନ୍ଦ୍ର ସରକାର ଦେଉଥିବା ଅର୍ଥର ବିନିଯୋଗ ପ୍ରମାଣପତ୍ର ଯଦି ରାଜ୍ୟ ସରକାର ଠିକଣା ସମୟରେ ଦେବେ ନାହିଁ ତେବେ ପରବର୍ତ୍ତୀ ପର୍ଯ୍ୟାୟର ଅର୍ଥ ରାଜ୍ୟକୁ ଆସିବାରେ ସମସ୍ୟା ସୃଷ୍ଟି ହେବ ଯାହା ଓଡିଶା କ୍ଷେତ୍ରରେ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଠିକଣା ସମୟରେ ଅର୍ଥ ବିନିଯୋଗ ପ୍ରମାଣପତ୍ର କେନ୍ଦ୍ର ନିକଟରେ ଦାଖଲ କରାଯାଉନାହିଁ ବୋଲି ପୂର୍ବରୁ ଯେପରି ଅଭିଯୋଗ ଆସୁଥିଲା ଏବେ ପୁଣି ତାହା ପ୍ରମାଣିତ ହୋଇଛି। କେନ୍ଦ୍ର ସରକାର ଏକ ବ୍ୟବସ୍ଥା ହୋଇଥିବାରୁ ଶହ ଶହ କୋଟି ଟଙ୍କା ବିନା କାଗଜପତ୍ରରେ ଦେବା ଆଦୌ ସମ୍ଭବପର ନୁହେଁ। କେନ୍ଦ୍ର ସରକାର ଏକ ସମୟରେ ଓଡିଶା ପରି ଅନେକଗୁଡିଏ ରାଜ୍ୟକୁ ଅର୍ଥ ଦେବା ପାଇଁ ଏକ ନିୟମାବଦ୍ଧ ପ୍ରଣାଳୀକୁ ନେଇ କାର୍ଯ୍ୟ କରିବେ। ହେଲେ ଅନେକ ସମୟରେ ଆମେ ଛୋଟ ଛୋଟ ସଫଳତାକୁ ବହୁତ ବଡ ବିଷୟ ବୋଲି ପ୍ରଚାର କଲାବେଳେ ବଡ ବଡ ବିଫଳତାକୁ ଆଲୋଚନାର ପରିସର ଭିତରକୁ ଆଣିପାରୁ ନାହୁଁ। ଅଥଚ ସମାଲୋଚନାକୁ ଗ୍ରହଣ କରି ନପାରି ଆପଣାର ବାହାଦୂରୀ ବଖାଣୁଛୁ। ଦେଶର ବହୁକ୍ଷେତ୍ରରେ ଆମେ ପଛରେ ରହିଥିବା ନେଇ କଥାଟା ଯେମିତି ସତ୍ୟ ସେମିତି ବିଶ୍ୱାସଯୋଗ୍ୟ। ଗତବର୍ଷ ଡିସେମ୍ବର ମାସରେ ଏକ ସର୍ବଭାରତୀୟ ଗଣମାଧ୍ୟମ ସଂସ୍ଥାର ସର୍ଭେରେ ଅନେକ କ୍ଷେତ୍ରରେ ରାଜ୍ୟ ଅନ୍ୟସବୁ ରାଜ୍ୟଗୁଡିକ ତୁଳନାରେ ନଥିଲା ବୋଲି କହିଲେ ଠିକ୍ ହେବ। ଆଳୁ ମିଶନର ବିଫଳତା। ପିଆଜର ଉତ୍ପାଦନ ଏବଂ ଭଣ୍ଡାରଣ କ୍ଷେତ୍ରରେ ରାଜ୍ୟର ବିଫଳତା ସହ ସମସ୍ତେ ଭଲଭାବେ ପରିଚିତ। ଏବେ ଶାସନଗତ ଶିଥିଳତାକୁ ନେଇ ପ୍ରଶ୍ନ ଉଠିଲାବେଳେ ତାକୁ ସ୍ୱୀକାର ନକରିବା ହେଉଛି ବୋକାମୀ। ବ୍ୟବସ୍ଥାର ପରିବର୍ତ୍ତନ, ଶାସନରେ ସ୍ୱଚ୍ଛତା, ସମୟାବଦ୍ଧ କାର୍ଯ୍ୟ, ଶ୍ରେଷ୍ଠତା ଲାଭ ପାଇଁ ବ୍ୟାପକ ପ୍ରୟାସ ଦୃଷ୍ଟିରୁ ଆର୍ଥିକ ଉତ୍ତରଦାୟୀ ହେବା ସରକାରଙ୍କ ପାଇଁ ଠିକ୍ ହେବ।

ବଜେଟ ପ୍ରସ୍ତୁତି ପରେ ଅନେକ ମାସ ଇତିମଧ୍ୟରେ ଅତିବାହିତ ହୋଇଗଲାଣି। ପ୍ରଶାସନକୁ ସକ୍ରିୟ କରିବା ପାଇଁ ଇ -ଗଭର୍ଣ୍ଣାନ୍ସ ବ୍ୟବସ୍ଥାକୁ ସରକାର ଗ୍ରହଣ କରିଛନ୍ତି। ରିଜର୍ଭ ବ୍ୟାଙ୍କର ଇ-କୁବେର ସହ ଯୋଡି ହୋଇ ଆନ୍ତର୍ଜାତିକ ସ୍ତରରୁ ରାଜ୍ୟକୁ ପାଣ୍ଠି ଅଣାଯାଉଛି। କିନ୍ତୁ କେଉଁ କେଉଁ ବିଭାଗ ବଜେଟର ଅର୍ଥ ବ୍ୟୟ କରିବାରେ ଢିଲା କରିଛନ୍ତି ସେ ନେଇ ସମୀକ୍ଷା ରିପୋର୍ଟ ପ୍ରସ୍ତୁତ ହୋଇପାରିନାହିଁ। ବିଭାଗଗୁଡିକ ବିରୋଧରେ ଅର୍ଥ ଖର୍ଚ୍ଚ ନ କରିପାରିବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ କୌଣସି ନୀତି ଏଯାଏଁ ରାଜ୍ୟ ସରକାର ଗ୍ରହଣ କରିପାରିନାହାନ୍ତି। କେବଳ ୫ ଟି ସୂତ୍ର କଥା କହିଦେଇ କାର୍ଯ୍ୟସାରିଛନ୍ତି। ଏମିତି ଦେଖିବାକୁ ଗଲେ ପ୍ରଶାସନ ପାଇଁ ନୂଆ ନୂଆ ଶବ୍ଦାବଳୀ ପ୍ରୟୋଗ କରି ସରକାର ଚକ୍‌ମା ଦେଖାଇଥିଲେ ମଧ୍ୟ ଠିକଣା ସମୟରେ ଅର୍ଥବ୍ୟୟ କରି କାର୍ଯ୍ୟକୁ ଆଗେଇ ନେବାରେ ଚମକ ହରାଇଛନ୍ତି। ଯେଉଁଥିପାଇଁ ବଜେଟର ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ସବୁ ବିଭାଗକୁ ସରକାର ନିର୍ଦ୍ଦିଷ୍ଟ ସମୟ ସୀମାରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ, ଅନ୍ୟଥା ଦଣ୍ଡ ବ୍ୟବସ୍ଥା ମଧ୍ୟ ହେଉ। ଏହା ହେଲେ କର୍ମଚାରୀମାନେ ଉତ୍ତରଦାୟୀ ରହିବେ।

ସୌମେନ୍ଦ୍ର ଜେନା,
ଭାରତୀୟ ସମ୍ବାଦ ସେବା (ଭାସ୍),
ଭୁବନେଶ୍ୱର-୭୫୧୦୦୩

ବଡବିଲର ଲୁହାପଥ ଚୋରୀ ମାମଲାରେ ବଡ ସଫଳତା

କେନ୍ଦୁଝର (ପିଏନ୍): ବହୁଚର୍ଚ୍ଚିତ ଲୁହାପଥର ଚୋରି ମାମଲାରେ ଏକ ବଡ ସଫଳତା ମିଳିଛି ବଡବିଲ ପୋଲିସଙ୍କୁ। ନାଟକୀୟ ଢଙ୍ଗରେ ଜଣେ ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା କ୍ରମରେ ଓଆର୦୪ବି-୯୪୮୩ ଓ ଓଆର୧୪ଏଚ୍-୧୩୮୯ ନମ୍ବର ବିଶିଷ୍ଟ ଧରାପଡିଥିବା ଦୁଇ ଟିପ୍ସ ଟ୍ରକର ମାଲିକ ଅମର ରଜକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଠାରେ ସୂଚନା ଯୋଗ୍ୟ ଯେ ଗୁପ୍ତ ସୂଚନା ଆଧାରରେ ଉତର ବଡବିଲ ୧ନଂ ୱାର୍ଡ ଝାଡଖଣ୍ଡ ସୀମାନ୍ତରେ ଥିବା ନାଲଦା ତନଖି ଫାଟକ ନିକଟରୁ ବଡବିଲ ପୋଲିସ୍ ୬ ଗୋଟି ଚୋରା ଲୁହାପଥର ବୋଝେଇ ଟିପ୍ପର ଟ୍ରକ ଗୁଡିକୁ ଜବତ କରିଥିଲା। ବଡବିଲ ଏସ୍‌ଡିପିଓ ଶ୍ରୀ ସତ୍ୟବିକାଶ ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ଚାଂଚଲ୍ୟକାରୀ ଘଟଣା ଜିଲ୍ଲାରେ ପ୍ରମୁଖ ଆଲୋଚନାର ପ୍ରସଙ୍ଗ ପାଲଟିଥିଲା। ବିଭିନ୍ନ ଦଫାରେ କେଶ୍ ନଂ ୨୨୫/୧୯ ପଞ୍ଜିକୃତ କରି ବଡବିଲ ଥାନାକ୍ଷ ଶ୍ରୀ ସୁଶାନ୍ତ କୁମାର ଦାସ କେଶ୍‌ର ତଦନ୍ତ ଆରମ୍ଭ କରିଥିଲେ ଓ ସଞ୍ଜୟ ରାଉତ(୪୮) ଓ ଦିବ୍ୟରଞ୍ଜନ ପଣ୍ଡା(୪୦) ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପରେ ଯୋଡା ମୁଖାର୍ଜୀ ହଟିଂ ଅଂଚଳରୁ ତୃତୀୟ ଅଭିଯୁକ୍ତ ସନ୍ତୋଷ ପରିଡା(୩୩) ଗିରଫ ହେଲାପରେ ସୂଚନା ମୁତାବକ ଚଢାଉ କରି ବଡବିଲରୁ ଟ୍ରକ୍ ମାଲିକ ଅମର ରଜକକୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ମୁ

ଟି ଟାଇମ୍

ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

ପୁରାଣ କାହାଣୀ

ବାଣୀ ପ୍ରଭାବରେ ଚୋର ହେଲା ସାଧୁ

ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମରୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସତ୍ୟ ସତ କଥା କହିଲା । ଅଜ୍ଞାତବସତ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

ଆଜିର ଭାଗ୍ୟ

ମେଷ — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

ବୃଷ — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

ମିଥୁନ — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

କର୍କଟ — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅଠିଶୃତି ପାଇ ଆତ୍ମସ୍ଥ ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

ସିଂହ — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

କନ୍ୟା — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

ତୁଳା — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

ବିଛା — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

ଧନୁ — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

ମକର — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

କୁମ୍ଭ — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

ମୀନ — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

କୃତ୍ରିମ ଜଳପ୍ରପାତ

ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ଦାନ୍ତରେ ଟାଟୁ

ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱବାସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରା ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ଜିନ୍ସ ସୃଷ୍ଟି କରୁଛି ସମସ୍ୟା

ଆଜିକାର ଅତ୍ୟାଧୁନିକ ଯୁବତୀମାନେ ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ନାହିଁ । ଏକ ଗବେଷଣାରୁ ଜଣାଯାଇଛି ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ରୋଗରେ ଗୋଡ଼ ଅକାମି ହୋଇଗଲା ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ । ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ

ବିଶ୍ୱର ବଡ ଫୁଲ ବଜାର

ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୦, ଫେବୃଆରୀ ୧୨

ବିକଳ୍ପ ଉତ୍ସରୁ ବିଦ୍ୟୁତ ଉତ୍ପାଦନ ଉପରେ ଗୁରୁତ୍ୱ

ଦେଶରେ ଧୀରେଧୀରେ ବିକଳ୍ପ ବା ସବୁଜ ଶକ୍ତି ବ୍ୟବହାରର ବାଟ ଖୋଲିବାରେ ଲାଗିଛି । ଏହା ଖୁସିର କଥା । ନିକଟରେ ସରକାରଙ୍କ ପକ୍ଷରୁ କରାଯାଇଥିବା ନିଲାମରେ ପବନ ଶକ୍ତି (ବିଦ୍ୟୁତ୍)ର ମୂଲ୍ୟରେ ରେକର୍ଡ ହ୍ରାସ ଦେଖିବାକୁ ମିଳିଛି । ମୋଟ ୧ ଜିଗାୱାଟର ପ୍ରକଳ୍ପ ପାଇଁ ହୋଇଥିବା ନିଲାମରେ ପାଞ୍ଚଟି କମ୍ପାନୀ ୟୁନିଟ୍ ପିଛା ୩ ଟଙ୍କା ୪୬ ପଇସା ଡାକି ଠିକା ନେଇଛନ୍ତି । କିଛି ଦିନ ପୂର୍ବରୁ ସୌରଶକ୍ତିର ମୂଲ୍ୟ ମଧ୍ୟ ରେକର୍ଡ ପରିମାଣର ହ୍ରାସ ପାଇଥିଲା ଓ ତା'ର ମୂଲ୍ୟ ୟୁନିଟ ପିଛା ୩ ଟଙ୍କାରୁ ମଧ୍ୟ ତଳକୁ ଚାଲିଯାଇଥିଲା । ଏହା ଏଇଥିପାଇଁ ଉଲ୍ଲେଖନୀୟ ଯେ ବିକଳ୍ପ ସ୍ରୋତରୁ ମିଳୁଥିବା ଶକ୍ତି କୋଇଲା ଭଳି ପାରମ୍ପରିକ ଉତ୍ସରୁ ମିଳୁଥିବା ବିଦ୍ୟୁତର ମୂଲ୍ୟକୁ ଧୀରେଧୀରେ ମୁକାବିଲା କରିବା ସ୍ଥିତିରେ ପହଞ୍ଚିଲାଣି । ଆମ ଦେଶରେ କ୍ରମଶଃ କୋଇଲାର ଭଣ୍ଡାର ଶେଷ ହେବାକୁ ଲାଗିଥିବାବେଳେ ସେଥିରୁ ବିଦ୍ୟୁତ୍ ଉତ୍ପାଦନ ସମୟରେ ହେଉଥିବା ପ୍ରଦୂଷଣ ପରିବେଶକୁ ଦୂଷିତ କରୁଛି । ଏହି କାରଣରୁ ସାରା ପୃଥିବୀରେ ବିକଳ୍ପ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଏବେ ଅଗ୍ରାଧିକାର ଦିଆଯାଉଛି । ପୃଥିବୀର ତୃତୀୟ ସର୍ବାଧିକ ସବୁଜ ବାଷ୍ପ ନିର୍ଗମନକାରୀ ଦେଶ ଭାବେ ଭାରତ ଉପରେ ମଧ୍ୟ କ୍ରମାଗତ ଚାପ ବଢୁଛି । ସେହି କାରଣରୁ ନରେନ୍ଦ୍ର ମୋଦିଙ୍କ ସରକାର ବିକଳ୍ପ ଉତ୍ସରୁ ଶକ୍ତିସଂଗ୍ରହ କରିବା ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି । ଏହି ଉତ୍ସରୁ ୨୦୨୨ ମସିହା ସୁଦ୍ଧା ୧୭୫ ଜିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହା ବର୍ତ୍ତମାନ ସମୟର ଆବଶ୍ୟକତା । କୁହାଯାଉଛି ଯେ ଏହାର ମୂଲ୍ୟହ୍ରାସ ବଜାରର ସମୀକରଣକୁ ବଦଳାଇବାରେ ସାହାଯ୍ୟ କରିବ ଓ ବିକଳ୍ପ ଶକ୍ତିର ଚାହିଦା ବୃଦ୍ଧି ପାଇବ । ଏହା ସ୍ୱାଭାବିକ ମଧ୍ୟ ମନେହୁଏ । ସରକାର ଏହାକୁ ଆଖି ଆଗରେ ରଖି ୨୦୨୦ ସୁଦ୍ଧା କେବଳ ସୌରବିଦ୍ୟୁତ୍ ଉତ୍ପାଦନ ୪୦ ଜିଗାୱାଟ୍ ପର୍ଯ୍ୟନ୍ତ କରିବାକୁ ଲକ୍ଷ୍ୟ ସ୍ଥିର କରିଛନ୍ତି । କେନ୍ଦ୍ର ସରକାରଙ୍କ ଲକ୍ଷ୍ୟକୁ ଆଗେଇ ନେବା କ୍ଷେତ୍ରରେ ଓଡ଼ିଶା ମଧ୍ୟ ନିଜକୁ ଅଂଶୀଦାର କରିଛି । ୨୦୨୨ ସୁଦ୍ଧା ବିକଳ୍ପ ଉତ୍ସରୁ ୨,୭୫୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ସ୍ଥିର କରିଛନ୍ତି । ଏଥିରୁ କେବଳ ୨୨୦୦ ମେଗାୱାଟ ସୌରଶକ୍ତିରୁ ସଂଗ୍ରହ କରାଯିବାକୁ ଥିବାବେଳେ ପବନରୁ ୨୦୦ ମେଗାୱାଟ, ବାଇଓମାସ୍‌ରୁ ୧୮୦ ମେଗାୱାଟ୍, କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପରୁ ୧୫୦ ମେଗାୱାଟ୍ ଏବଂ ଆବର୍ଜନାରୁ ଶକ୍ତି ସଂଗ୍ରହ କରି ୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯିବ । ଏହି ଲକ୍ଷ୍ୟକୁ ହାସଲ କରିବାକୁ ହେଲେ ପ୍ରାୟ ୧୩,୫୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା କେପିଏମ୍‌ଜି ହିସାବ ଦେଇଛି । ସୂଚନାଯୋଗ୍ୟ ଯେ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି (ସିଇଏ) ଦ୍ୱାରା ପ୍ରଦତ୍ତ ୨୦୧୬ର ତଥ୍ୟ ଅନୁସାରେ ଓଡ଼ିଶା ୯,୪୨୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନର କ୍ଷମତା ରଖୁଥିବାବେଳେ ସେଥିରୁ ପାରମ୍ପରିକ ସ୍ରୋତରୁ ଉତ୍ପାଦିତ ହୁଏ ୭,୧୦୪ ମେଗାୱାଟ୍ । ବିକଳ୍ପ ଉତ୍ସରୁ ହେଉଥିବା ବିଦ୍ୟୁତ୍ ଉତ୍ପାଦନର ପରିମାଣ ମାତ୍ର ୨%। ରାଜ୍ୟ ସରକାର ଏହାକୁ ୨୦୧୯ ସୁଦ୍ଧା ୧୪% ବା ୧,୪୫୦ ମେଗାୱାଟ୍ ପର୍ଯ୍ୟନ୍ତ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି । ସରକାର ଯେଉଁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସ୍ଥିର କରିଛନ୍ତି, ତାହା ହାସଲ କରିବା କଷ୍ଟକର; ତେବେ ଅସମ୍ଭବ ମଧ୍ୟ ନୁହେଁ । ଆମ ରାଜ୍ୟରେ ବର୍ଷର ପ୍ରାୟ ୩୦୦ ଦିନ ସୌରରଶ୍ମି ପୃଥିବୀ ପୃଷ୍ଠରେ ସିଧାସଳଖ ପଡ଼ିଥାଏ । ନବରଙ୍ଗପୁର, ବଲାଙ୍ଗିର, ସୁନ୍ଦରଗଡ଼ ଭଳି ସ୍ଥାନରେ ସର୍ବାଧିକ ସୂର୍ଯ୍ୟକିରଣ ବିଚ୍ଛୁରିତ ହୋଇଥାଏ ବୋଲି ଆକଳନ କହେ । ସେସବୁ ଜିଲାଗୁଡ଼ିକରେ ବଡ଼ବଡ଼ ସୌର ପ୍ରକଳ୍ପ ସ୍ଥାପନ କରାଯିବା ଆବଶ୍ୟକ । ବିଶେଷଜ୍ଞଙ୍କ ମତରେ ଆମ ରାଜ୍ୟରେ ୨୦,୦୦୦ ମେଗାୱାଟ୍ ବିଦ୍ୟୁତ୍ କେବଳ ସୌରଶକ୍ତିରୁ ଉତ୍ପାଦନ କରାଯାଇପାରିବ । ବର୍ତ୍ତମାନ ଆମ ରାଜ୍ୟ ମାତ୍ର ୬୪ ମେଗାୱାଟ୍ ସୌରବିଦ୍ୟୁତ୍ ଉତ୍ପାଦନ କରିବାର କ୍ଷମତା ହିଁ ରଖିଛି । ତେଣୁ ସରକାର ଏଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ । ସରକାର ବିକଳ୍ପ ଶକ୍ତି ସଂଗ୍ରହ ପାଇଁ ଯେଉଁ ନୂତନ ଯୋଜନା ପ୍ରସ୍ତୁତ କରିଛନ୍ତି, ତାକୁ ଠିକ୍‌ଭାବେ କାର୍ଯ୍ୟାନ୍ୱୟନ କରିବା ଜରୁରୀ । ସୌରପ୍ରକଳ୍ପ ସ୍ଥାପନ ପାଇଁ ସ୍ଥିର ହୋଇଥିଲେ ହେଁ ଏପର୍ଯ୍ୟନ୍ତ ଜମି ଚିହ୍ନଟ ପର୍ଯ୍ୟାୟରେ ହିଁ ତାହା ଅଟକିଛି । ୧୯୮୪ରୁ ଓଡ଼ିଶା ରିନ୍ୟୁଏବଲ ଏନର୍ଜି ଡେଭଲପମେଣ୍ଟ ଏଜେନ୍ସି (ଓରେଡା) ନାମକ ଏକ ନୋଡାଲ୍ ଏଜେନ୍ସି ଏ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ ହେଁ ତାହା ସେଭଳି ଆଖିଦୃଶିଆ ସଫଳତା ହାସଲ କରିପାରିନାହିଁ । ଗ୍ରୀନ ଏନର୍ଜି ଡେଭଲପମେଣ୍ଟ କର୍ପୋରେସନ ଅଫ୍ ଓଡ଼ିଶା ଲିମିଟେଡ (ଗେଡକଲ) ନାମକ ଆଉ ଏକ ସଂସ୍ଥା ମଧ୍ୟ କାମ କରୁଛି । ଏହି ସଂସ୍ଥାଗୁଡ଼ିକୁ ଉତ୍ତମ ରୂପେ କାର୍ଯ୍ୟକ୍ଷମ କରିବା ସହ ଏ କ୍ଷେତ୍ରରେ ଆବଶ୍ୟକ ପରିମାଣର ଅର୍ଥ ବିନିଯୋଗ କରାଯାଉ । ଅବଶ୍ୟ ସଫଳତା ମିଳିବ ।

ଆଜିର ଅନୁଚିନ୍ତା

କୁଳ ଯେପରି, ଆଚାର ସେହିପରି । ଅର୍ଥାତ୍ ବ୍ୟକ୍ତି ନିଜେ ଯାହା ଶିଖିଥାଏ, ତଦନୁସାରେ ତା'ର ଆଚାର ବ୍ୟବହାର ପ୍ରକାଶ ପାଇଥାଏ ।

ସନ୍ଥର ସ୍ୱଭାବ

ଶିଶୁମାନଙ୍କୁ ଆମେ କହୁ ଠାକୁର । ସେମାନଙ୍କ ଭିତର ପୂରା ସଫା । ଆମ ଭିତର ଅତି ମଇଳା । କେବଳ ଶିଶୁ ନୁହେଁ, ଯୋଉମାନଙ୍କ ଭିତର ପୂରା ସଫା, ସେମାନେ ସାଧୁ । ଠାକୁର ପଦବାଚ୍ୟ । ଯେମିତି ସ୍ୱଚ୍ଛ ଦର୍ପଣରେ କିଛି ଧୂଳି ଜମାହେଇଗଲେ ପ୍ରତିବିମ୍ବ ଭଲଦେଖାଯାଏନା, ସେମିତି ଭିତରେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ହିଂସା, ଈର୍ଷା ଭଳି ଧୂଳି ଜମା ହେଇଗଲେ ପରମାତ୍ମାଙ୍କୁ ଅନୁଭବ କରିବା ସମ୍ଭବ ନୁହେଁ । ନିର୍ମଳ ମନରେ ପରମାତ୍ମା ସ୍ପଷ୍ଟ ପ୍ରତିବିମ୍ବିତ ହୁଅନ୍ତି । ଯୋଉମାନଙ୍କ ମନ ଯେତେ ନିର୍ମଳ, ସେମାନେ ସେତେ ମହାନ । ତେଣୁ କୁହାଯାଏ ମହାପୁରୁଷମାନେ ସବୁବେଳେ ବାଲ୍ୟଚପଳତାରେ ଥାଆନ୍ତି । କେତେବେଳେ ପରମାତ୍ମାଙ୍କ ପାଇଁ କାନ୍ଦନ୍ତି ତ କେତେବେଳେ ହସିହସି ଗଡ଼ିଯାଆନ୍ତି । ସେମାନଙ୍କର ଦେହବୋଧ ନ ଥାଏ । ଏହାର ଏକ ଉଦାହରଣ । ଶ୍ରୀରାମକୃଷ୍ଣ ପରମହଂସ କୀର୍ତ୍ତନ ଶୁଣି ବିଭୋର ହୋଇ ଉଠୁଥିଲେ । ପାଗଳ ପରି ହେଉଥିଲେ । ଆଖିରେ ଧାରଧାର ହୋଇ ଲୁହ ବହିଯାଉଥିଲା । ବେଳେବେଳେ କାନ୍ଦି କାନ୍ଦି ଗଡ଼ିଯାଉଥିଲେ । ଧୂଳି-ଧୂସରିତ ଦେହକୁ ଶାରଦାମଣି ପୋଛି ଦିଅନ୍ତି । ପୁଣି କାନରେ କୀର୍ତ୍ତନର ଶବ୍ଦ ବାଜିଲେ ଯୋଉ ଦଶାକୁ ସେଇ ଦଶା । ମାଆ ମାଆ କହି ଧୂଳିରେ ଲୋଟିଯାଆନ୍ତି । ତାଙ୍କ ଭିତରେ କ'ଣ ହୁଏ ସାଧାରଣ ମଣିଷ କାହିଁକି ବୁଝିବ ? ଯିଏ ହଜିଛି, ସିଏ ବୁଝିଛି । କଲିକତାର ଗୋଟିଏ ଜାଗାରେ ବୈଷ୍ଣବମାନେ କୀର୍ତ୍ତନ କରୁଥାଆନ୍ତି । ଶ୍ରୀଚୈତନ୍ୟ ଆସିବେ । ତାଙ୍କ ପାଇଁ ସୁନ୍ଦର ଆସନ ସଜ୍ଜା ହୋଇଥାଏ । ସେଇଠି ବସି ଶ୍ରୀଚୈତନ୍ୟ କୀର୍ତ୍ତନକୁ ଉପଭୋଗ କରିବେ । କୀର୍ତ୍ତନ ଖୁବ୍ ସୁନ୍ଦର ଭାବରେ ଚାଲିଥାଏ । ଅନେକ ବିଭୋର ହୋଇଯାଇଛନ୍ତି । କିଛି ସମୟ ପରେ ଦେଖାଗଲା, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପାଇଁ ସଜ୍ଜାହୋଇଥିବା ଆସନରେ ବସିଛନ୍ତି ଶ୍ରୀରାମକୃଷ୍ଣ ପରମହଂସ । ଦେହଜ୍ଞାନ ତାଙ୍କର ନାହିଁ । ସମାଧିସ୍ଥ ହୋଇଯାଇଛନ୍ତି । ଶ୍ରୀଚୈତନ୍ୟଙ୍କ ଆସନରେ ଶ୍ରୀରାମକୃଷ୍ଣଙ୍କୁ ଦେଖି କେତେକ ପ୍ରତିବାଦ କଲେନି । କାରଣ ସେମାନେ ଜାଣିଥିଲେ ଶ୍ରୀଚୈତନ୍ୟ ଏବଂ ଶ୍ରୀରାମକୃଷ୍ଣ ପରମହଂସଙ୍କ ଭିତରେ ଫରକ ନାହିଁ । ଉଭୟ ମହାପୁରୁଷ; ତେବେ କେତେକ ପ୍ରତିବାଦ କଲେ । ବୈଷ୍ଣବ ସାଧୁ ଭଗବାନ ଦାସ ଶ୍ରୀରାମକୃଷ୍ଣଙ୍କୁ ବହୁତ ଗାଳିଦେଇଥିଲେ । ପରେ ଶ୍ରୀରାମକୃଷ୍ଣ ଦେବଙ୍କର ସମାଧି ଭାଙ୍ଗିଲା । ଭଗବାନ ଦାସ ତାଙ୍କୁ ଗାଳିଦେଇଛନ୍ତି ବୋଲି କୁହାଗଲା । ଶ୍ରୀରାମକୃଷ୍ଣଙ୍କର କିଛି ପ୍ରତିକ୍ରିୟା ନ ଥିଲା । କିଛି ଦିନ ବିତିଗଲା । ଶ୍ରୀରାମକୃଷ୍ଣ ଭଗବାନ ଦାସଙ୍କୁ ଭେଟିବାକୁ ବାହାରିଲେ । ସାଥିରେ ଥିଲେ ମାଥୁର ଏବଂ ହୃଦୟବଲ୍ଲଭ । ଗଙ୍ଗା ପାରିହୋଇ ଡଙ୍ଗା ଆରପାଖ କୂଳରେ ଲାଗିଲା । ହୃଦୟ ହାତରେ ଠାକୁର ଭଗବାନ ଦାସଙ୍କୁ ଖବର ଦେଲେ । ଭଗବାନ ଦାସ ଜାଣିଲେ ଠାକୁର ଶ୍ରୀରାମକୃଷ୍ଣ ଆସିଛନ୍ତି । ଧାଇଁ ଆସିଲେ, ସେଇଠି ଭୂମିଷ୍ଠ ହୋଇ ଲୁହ ଭିଜା ଆଖିରେ ପାଦ ଦୁଇଟିକୁ ଧରି ଭୋଭୋ କାନ୍ଦିଲେ । କ୍ଷମାପ୍ରାର୍ଥନା କଲେ । ଶ୍ରୀରାମକୃଷ୍ଣ ପରମହଂସ ବି କାନ୍ଦିକାନ୍ଦି କହୁଥାଆନ୍ତି- 'ସେଦିନ ଭଳି କୀର୍ତ୍ତନରେ ସମାଧିସ୍ଥ ହେବାର ସୁଖ ପୁଣି ଥରେ ମିଳନ୍ତାନି !' ଭଗବାନ ଦାସ କହିଲେ- 'ମୁଁ ଆପଣଙ୍କ ଭିତରେ ଗୌରାଙ୍ଗଙ୍କୁ ଦେଖିବାର ସୁଯୋଗ ପାଆନ୍ତି ।'

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଦଙ୍ଗା ପାଇଁ ୧୨୦ କୋଟି

ସୌମେନ୍ଦ୍ର ଜେନା

ପାର୍ଲିଆମେଣ୍ଟରେ ସ୍ୱୀକୃତ ଆଇନକୁ ଦେଶର ଆଇନ, ସମ୍ବିଧାନିକ ବ୍ୟବସ୍ଥା ବୋଲି ଗ୍ରହଣ କରାଯାଇଥାଏ । କିନ୍ତୁ ଏବେ ସାମ୍ବିଧାନିକ ବ୍ୟବସ୍ଥାକୁ ଗ୍ରହଣ ନକରି ଇସ୍‌ଲାମିକ ଶାରିଆ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ପାକ୍ ଆରବର ଅର୍ଥରେ ଦେଶରେ ଚାଲିଛି ନାଗରିକତା ସଂଶୋଧନ ଆଇନ ବିରୋଧରେ ଆନ୍ଦୋଳନ । ଏହି ବିସ୍ଫୋଟକ ସୂଚନା ସମସ୍ତଙ୍କ ସମ୍ମୁଖକୁ ଏବେ ଆସିଛି । ଦେଶରେ ସଙ୍ଗଠିତ ହିଂସାକାଣ୍ଡକୁ ପ୍ରୋତ୍ସାହିତ କରି ଅସ୍ଥିରତା ସୃଷ୍ଟି କରିବାକୁ ଯେଉଁସବୁ ବିଦେଶୀ ରାଷ୍ଟ୍ର ଓ ସଂସ୍ଥା କାର୍ଯ୍ୟ କରୁଛନ୍ତି, ସେମାନେ ଦେଶର ବିରୋଧୀ ଦଳ, ଓକିଲ, ସାମ୍ବାଦିକ, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ହାତେଇ ଅସ୍ଥିରତା ସୃଷ୍ଟି କରିବାରେ ଲାଗିପଡ଼ିଛନ୍ତି । ପାର୍ଲିଆମେଣ୍ଟରେ ଗୃହିତ ସିଏଏ ବିରୋଧରେ ଚାଲିଥିବା ମୁସ୍‌ଲିମଙ୍କ ଆନ୍ଦୋଳନ ଯେ ବାସ୍ତବରେ ହିଁ ହିନ୍ଦୁଙ୍କ ବିରୋଧରେ ହେଉଛି, ତାହା ଆମେ ପୂର୍ବରୁ ଏକ ଲେଖାରେ ସ୍ପଷ୍ଟ କରିଥିଲୁ । ଆମ ଲେଖା "ବାହାନା ସିଏଏ, ଟାର୍ଗେଟରେ ହିନ୍ଦୁ" ଶୀର୍ଷକରେ ତାହା ପ୍ରକାଶ ପାଇଥିଲା । ଏବେ ଆମର ସେହି ଧାରଣାକୁ ଇଡ଼ିର ତଥ୍ୟ ଅଧିକ ସୁଦୃଢ଼ କରିଛି । ସେ ସମୟରେ ଆମେ ଯେଉଁସବୁ ପ୍ରାଥମିକ ତଥ୍ୟକୁ ଆଧାର କରି ଲେଖା ଲେଖିଥିଲୁ, ଏବେ ତାହା ଅଧିକ ପ୍ରାମାଣିକ ସାବ୍ୟସ୍ତ ହୋଇଛି । ହିଂସାମୁଖୀ ଆନ୍ଦୋଳନ ପଛରେ କିଏ ଅଛି ଆଉ କାହିଁକି ଅଛି, ତାହା ଏବେ ଅଧିକ ସ୍ପଷ୍ଟ ହୋଇଛି । ଦିଲ୍ଲୀର ଜେଏନ୍‌ୟୁ, ଜାମିଆ ମିଲିଆର ହିଂସାମୁଖୀ କାର୍ଯ୍ୟ ପରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ବିହାର, ଝାଡଖଣ୍ଡ ଆଦି ରାଜ୍ୟରେ ଏହି ପ୍ରସଙ୍ଗକୁ କେନ୍ଦ୍ରକରି ଦଙ୍ଗା, ପୋଡାଜଳା ଆଦି ଘଟଣାମାନ ଘଟିଥିବା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଏହିସବୁ ଘଟଣା ପଛରେ ସନ୍ତ୍ରାସବାଦୀ ସଙ୍ଗଠନ ସିମିର ନୂଆ ସଙ୍ଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ ରହିଛି । ଉତ୍ତର ପ୍ରଦେଶ ଏବଂ ଦିଲ୍ଲୀରେ ପୋଡାଜଳା ବେଳେ ଏହି ଗୋଷ୍ଠୀର ହାତ ଥିବା ନେଇ ସନ୍ଦେହ କରାଯାଉଥିଲା । ଏବେ ଇଡି ଅନୁସନ୍ଧାନରୁ ଏହାର ପ୍ରମାଣ ମିଳିଛି । ସେହି ଅର୍ଥରେ ସମ୍ବିଧାନ ସୁରକ୍ଷା ନାମରେ ସାମ୍ବିଧାନିକ ବ୍ୟବସ୍ଥା ବିରୋଧୀ ଆନ୍ଦୋଳନ ଦେଶର କିଛି କିଛି ସ୍ଥାନରେ ଚାଲିଛି ।

ଏନ୍‌ଫୋର୍ସମେଣ୍ଟ ଡିପାର୍ଟମେଣ୍ଟ ଅନୁସନ୍ଧାନରୁ ଯାହା ଜଣାପଡ଼ିଛି ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ପାକ୍ ଏବଂ ସାଉଦି ଆରବର ଅର୍ଥ ଦୁବାଇରୁ ପିଏଫ୍‌ଆଇର କେରଳରେ ଥିବା ୧୫ଟି ବ୍ୟାଙ୍କର ୭୩ଟି ଜମାଖାତାରେ ଡିସେମ୍ବର ମାସର ୪ରୁ୬ ତାରିଖ ମଧ୍ୟରେ ୧୨୦.୫ କୋଟି ଟଙ୍କା ଜମା ହୋଇଥିଲା । ଏଥିରୁ ଅଧିକାଂଶ ଜମାଖାତା ସିଣ୍ଡିକେଟ ବ୍ୟାଙ୍କ୍‌ରେ ରହିଛି । ଏହିସବୁ ଅର୍ଥ ନଗଦ, ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି ମାଧ୍ୟମରେ ଜମା ହୋଇଥିଲା । ଛୋଟ ଜମାର ଅର୍ଦ୍ଧେକ କେବଳ ପାଞ୍ଚରୁ ପଚାଶ ହଜାର ମଧ୍ୟରେ ଜମା ହୋଇଥିଲା । ଦଙ୍ଗାଗୋଳକାରୀଙ୍କୁ ପୁଲିସ ଗିରଫ କରିବା ପରେ ସେମାନଙ୍କୁ ମୁକୁଳାଇବା ପାଇଁ ସୁପ୍ରିମକୋର୍ଟର ଯେଉଁ କେତେକ ଆଇନଜୀବୀ ଅଧିକ ମୁଖର ହୋଇଥିଲେ, ସେମାନଙ୍କ ଆକାଉଣ୍ଟକୁ ପିଏଫ୍‌ଆଇର ଜମାଖାତାରୁ ଅର୍ଥ ପଠାଯିବାର ପ୍ରମାଣ ମିଳିଛି । ତନ୍ମଧ୍ୟରୁ କପିଳ ସିବଲ ୭୭ ଲକ୍ଷ, ଇନ୍ଦିରା ଜୟସିଂହ ୭ ଲକ୍ଷ, ଦୁଷ୍ୟନ୍ତ ଡାଭେ ୧୧ ଲକ୍ଷ ଏବଂ ଚାର୍ଜସିଟ ହୋଇଥିବା ଅବଦୁଲ ସମନ୍ଦର ଆକାଉଣ୍ଟକୁ ୩ ଲକ୍ଷ ୧୦ ହଜାର ଟଙ୍କା ପଠାଯିବାର ପ୍ରମାଣ ମିଳିଛି । ଏହି ଅର୍ଥ ଉତ୍ତର ପ୍ରଦେଶର ଶାମଲୀ, ବହରାଇଚ୍, ବୁଲନ୍ଦ ସହର ପରି ଅନେକ ସହରରେ ଦଙ୍ଗା ପାଇଁ ଆସିଥିଲା । ଏପରିକି ପିଏଫ୍‌ଆଇର କାଶ୍ମୀର ଶାଖାର ଜମାଖାତାକୁ ୧ କୋଟି ୬୫ ଲକ୍ଷ ଟଙ୍କା ଯାଇଥିବାର ପ୍ରମାଣ ମିଳିଛି । ଦେଶରେ ସିମିକୁ ବେଆଇନ ଘୋଷଣା କରାଯିବା ପରେ ଏହାର ମୁଖ୍ୟ ଏବେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆର ମୁଖ୍ୟ ଭାବେ କାର୍ଯ୍ୟ କରୁଛି । ଯେଉଁସବୁ ଜମାଖାତାଗୁଡିକ ଇଡିର ଦୃଷ୍ଟିକୁ ଆସିଛି, ତନ୍ମଧ୍ୟରୁ ୨୭ଟି ସନ୍ତ୍ରାସବାଦୀ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆର ଲୋକଙ୍କ ହାତରେ ପରିଚାଳିତ ହେଉଥିବା ସମୟରେ ୯ଟି ରିହାବ ଇଣ୍ଡିଆ ଫାଉଣ୍ଡେସନ ଲୋକଙ୍କ ଦ୍ୱାରା ଏବଂ ଅନ୍ୟ ୩୭ଟି ଭିନ୍ନ ଭିନ୍ନ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛି । ଜମା ଖାତାଗୁଡ଼ିକରୁ ଖୁବ୍ କମ୍ ଦିନରେ ଅନେକ ବାର ଅର୍ଥ ଉଠାଯାଇଥିଲା । ଅର୍ଥ ଉଠାଯିବା ଦିନମାନଙ୍କରେ ଉତ୍ତର ପ୍ରଦେଶରେ ଅସ୍ଥିରତା ଲାଗି ରହିଥିଲା ।

ଦେଶରେ ଚାଲିଥିବା ସିଏଏ ବିରୋଧୀ ଆନ୍ଦୋଳନ ପଛରେ ବିରୋଧିଦଳ, ଗଣମାଧ୍ୟମ, ସୁପ୍ରିମକୋର୍ଟ ଓକିଲମାନେ ତର୍କ ଦେଉଥିବା ଆମ ଦୃଷ୍ଟିକୁ ଆସିଛି । ଏପରିକି ଦିଲ୍ଲୀର ଶାହିନବାଗ୍‌ରେ ମହିଳା ଓ ଶିଶୁମାନେ ଦୀର୍ଘଦିନ ଧରି ଧାରଣାରେ ବସିରହିଥିବା ବେଳେ ସେମାନଙ୍କୁ ଭଲ ଖାଦ୍ୟପେୟ ବଣ୍ଟନ ଜାରି ରହିଛି । ମୁସଲିମ ଅଧ୍ୟୁଷିତ ଶାହିନବାଗ୍ ଅଞ୍ଚଳ ଜେଏନ୍‌ୟୁର ନିକଟବର୍ତ୍ତୀ ଏବଂ ଏଠାରେ ମହିଳା ଓ ଶିଶୁମାନଙ୍କୁ ରାଜରାସ୍ତାରେ ବସାଇ ଦିଆଯିବା ଦ୍ୱାରା ଦୀର୍ଘ ଦେଢ଼ମାସରୁ ଅଧିକ କାଳଧରି ରାସ୍ତାଟିକୁ ପୋଲିସ ପକ୍ଷରୁ ସୁରକ୍ଷା ପାଇଁ ବନ୍ଦ କରି ଦିଆଯାଇଛି ।

ଶାହିନ୍‌ବାଗ୍‌ର ସଭାରେ ଜେଏନ୍‌ୟୁରେ ପଢୁଥିବା ସର୍ଜିଲ ଇମାମ ନାମକ ଜଣେ ବିହାରୀ ଛାତ୍ର ଭାଷଣ ଦେଇ କହିଥିଲା ଯେ ଆସାମକୁ ଭାରତଠାରୁ ଅଲଗା କରିବାକୁ ହେବ । ଲକ୍ଷ୍ନୌରେ ଏମିତି ଏକ ଧାରଣା ସ୍ଥଳରେ ଜିନ୍ନାବାଦୀ ସ୍ୱାଧୀନତା ବା ପାକିସ୍ଥାନ ଗଠନ ହେବାପରି ସ୍ୱାଧୀନତା ଆବଶ୍ୟକ ବୋଲି ନାରାବାଜି ହୋଇଥିଲା । ବିଶେଷ କରି ଏହି ଆନ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡଠାରେ ସମ୍ଭାଗସ୍ତରୀୟ ଟୋଲି ବୈଠକ

କେନ୍ଦୁଝର,(ପିଏନ)- ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ଉତର ସମ୍ଭାଗ ଟୋଲି ବୈଠକ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ସଂଗଠନ ମନ୍ତ୍ରୀ ଦିବାକର ଘୋଷ ଉପସ୍ଥିତ ରହି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ । ଏହି ବୈଠକରେ ଶିକ୍ଷା ବିକାଶ ସମିତିର ସଂପାଦକ ଡଃ ଲକ୍ଷ୍ମୀକାନ୍ତ ମହାରଣା, ଉତର ସମ୍ଭାଗ ସଭାପତି ସତ୍ୟନାରାୟଣ ମିଶ୍ର, ସଂପାଦକ କୈଳାଶ ଚନ୍ଦ୍ର ମହାନ୍ତ, ସଂଯୋଜକ ସୁକାନ୍ତ କୁମାର ବେହେରା, କେନ୍ଦୁଝର ବିଭାଗ ପ୍ରମୁଖ ଦୟାନିଧି ମହାନ୍ତ, ମୟୁରଭଞ୍ଜ ବିଭାଗ ପ୍ରମୁଖ, କେନ୍ଦୁଝର ବିଭାଗ ପ୍ରମୁଖ ଶ୍ରୀନିବାସ ପ୍ରଧାନ ଓ ଜୀତୁରାମ ମହାନ୍ତ ଯୋଗ ଦେଇଥିଲେ । ଏହି ବୈଠକରେ କେନ୍ଦୁଝର ମୟୁରଭଞ୍ଜ ଜିଲ୍ଲାର ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ସଂକୁଳ ପ୍ରମୁଖ ଓ ସଂକୁଳ ସଂଯୋଜକ ଉପସ୍ଥିତ ଥିଲେ । ଉକ୍ତ ବୈଠକକୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କରିଥିଲା ।

ରାଜ୍ୟ ସ୍ତରୀୟ ଡ଼ିୟୁ ଫ୍ରେଣ୍ଡସ୍ କ୍ରିକେଟ୍ କପ୍

ଗିରିଜାଙ୍କ ଶତକ ବେକାର, ସେମିରେ ଜୁଭେନାଇଲ

ଚଣ୍ଡିଖୋଲ, ୧୧/୦୨ (ପିଏନ): ଚଣ୍ଡିଖୋଲ ଫ୍ରେଣ୍ଡସ୍ ସ୍ପୋର୍ଟ କଲଚୁରାଲ ଆସୋସିଏସନ ଆନୁକୁଲ୍ୟରେ ସୁଗୁଡ଼ା ଖେଳ ପଡ଼ିଆରେ ଚାଲୁଥିବା ୯ମ ବାର୍ଷିକ ରାଜ୍ୟ ସ୍ତରୀୟ ଡ଼ି.ୟୁ. ଫ୍ରେଣ୍ଡସ୍ କ୍ରିକେଟ୍ କପ୍‌ର ଚତୁର୍ଥ କ୍ୱାଟର ଫାଇନାଲ ଖେଳରେ କଟକର ଜୁଭେନାଇଲ ସ୍ପୋର୍ଟିଂ ସ୍ଥାନୀୟ ଚଣ୍ଡିଖୋଲ ଫ୍ରେଣ୍ଡସ କ୍ଲବକୁ ୫୨ୱିକେଟରେ ହରାଇ ସେମି ଫାଇନାଲରେ ପ୍ରବେସ କରିଛି । ପ୍ରଥମେ ଟସ ଜିତି ଜୁଭେନାଇଲ ସ୍ପୋର୍ଟିଂ ଫ୍ରେଣ୍ଡସ କ୍ରିକେଟ କ୍ଲବକୁ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲେ । ନିର୍ଦ୍ଧାରିତ ୨୫ ଓଭରରେ ଫ୍ରେଣ୍ଡସ କ୍ଲବ ୭ ୱେକେଟ୍ ହରାଇ ୧୭୭ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଗିରିଜା ରାଉତ ୧୦୨ ରନ, ଅଭିଜିତ ଜେନା ୩୩ ରନ ସଂଗ୍ରହ କରିଥିଲେ। ୧୭୮ ରନ୍ ବିଜୟ ଲକ୍ଷକୁ ପିଛା କରି ଜୁଭେନାଇଲ ସ୍ପୋର୍ଟିଂ ୨ଟି ବଲ ବାକି ଥାଇ ଆବଶ୍ୟକ ରନ ସଂଗ୍ରହ କରି ସେମି ଫାଇନାଲରେ ପ୍ରବେଶ କରିଛି । ଦଳ ପକ୍ଷରୁ ସିଦ୍ଧାର୍ଥ ନାୟକ ୫୨ ରନ ଚନ୍ଦ୍ରକାନ୍ତ ସାହୁ ଅପରାଜିତ ୩୩ରନ ସଂଗ୍ରହ କରି ଦଳକୁ ସେମି ଫାଇନାଲରେ ପ୍ରବେଶ କରାଇଥିଲେ। ଆଜିର ଖେଳକୁ ଇନ୍ତେକାମ ଆଲାମ ଓ ବିନୟ ପୃଷ୍ଟି ପରିଚାଳନା କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଫ୍ରେଣ୍ଡସ ସ୍ପୋର୍ଟସ ଆଣ୍ଡ କଲଚୁରାଲ ଆସୋସିଏସନର ସଭାପତି ଶ୍ରୀପତି ଜେନା ବରିଷ୍ଠ ସମ୍ବାଦିକ ମନମୋହନ ରାଉତ ଯୋଗଦେଇ ସିଦ୍ଧାର୍ଥ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏହି ଖେଳକୁ ଅଶ୍ୱଜିତ ରାଉତ, ଆଶିଷ ସାହୁ, ଦେବେନ୍ଦ୍ର ଜେନା, ତନ୍ମୟ ରାଉତ, ପ୍ରମୋଦ ସେନାପତି, ମାନସ ରଂଜନ ମିଶ୍ର, ମୁସ୍ତାକ ଅଲ୍ଲୀ, ଗୋଲାମ ସାଜିର ପ୍ରମୁଖ ସହଯୋଗ କରିଲେ। ଆସନ୍ତା କାଲି ଦ୍ୱିତୀୟ ସେମିଫାଇନାଲ ଖେଳରେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଓ ଜୁଭେନାଇଲ କ୍ରିକେଟ ଏକାଡେମି ମଧ୍ୟରେ ଅନୁଷ୍ଠିତ ହେବ।

ଅବହେଳିତ ଗାଁ ତେନ୍ତୁଳି ଗଡ଼ିଆ

କେନ୍ଦୁଝର(ପିଏନ) : ସରକାର ଗ୍ରାମର ବିକାଶ ପାଇଁ ପଂଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ଯୋଜନା ଉପରେ ଯୋଜନା କରାଯାଉଛି । କିନ୍ତୁ ସ୍ୱାଧିନତାର ଏତେବର୍ଷ ପରେ ମଧ୍ୟ କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକର ବହୁ ଗ୍ରାମ ମୌଳିକ ସୁବିଧାରୁ ବଂଚିତ ହେବା ସହିତ ଗାଁକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ । ଏଭଳି ଢ଼େଙ୍କା ପଂଚାୟତର ତେନ୍ତୁଳି ଗଡ଼ିଆ ହରିଜନ ସାହି ଦେଖିବାକୁ ମିଳିଛି । ଗାଁଟିରେ ୬୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ସରକାରଙ୍କର ଯୋଜନା ଏଠାରେ ଅପହଂଚ । ଗାଁର ବିକାଶ ପାଇଁ ସରକାର ଆମ ଗାଁ ଆମ ବିକାଶ କରି ଗାଁର ଉନ୍ନତି ପାଇଁ ସ୍ୱପ୍ନ ଦେଖାଉଥିବା ବେଳେ ଏହି ଗାଁକୁ ଆମ୍ବୁଲାନ୍ସ ଗାଡ଼ି କିମ୍ବା ଟେମ୍ପୁ ଯିବା କଷ୍ଟକର ହୋଇପଡ଼ିଛି । ଗାଁକୁ ଏକ ନାଲି ଗୁଡ଼ି ରାସ୍ତା ଯାଇଥିବା ବେଳେ ସେ ରାସ୍ତାରେ ପାଦଚଲା, ମଟର ସାଇକେଲ ଓ ସାଇକେଲ ଯାତାୟତ କରିଥାଏ । କିଛି ଦୁର୍ଘଟଣା ଘଟିଲେ ଚାରିଚକିଆ ଗାଡ଼ି ଯିବା କଷ୍ଟକର ହୋଇପଡ଼େ । ପଂଚାୟତ ଠାରୁ ମାତ୍ର ଗୋଟିଏ କିମି ଦୂରରେ ଏହି ଗାଁଟି । କିନ୍ତୁ ଏହି ଗାଁଟିକୁ କୌଣସି ଯୋଜନାରେ କାର୍ଯ୍ୟକାରୀ ହେଉନାହିଁ । ପଂଚାୟତରୁ ଏନଆରଜିଏସ ଯୋଜନାରେ ପ୍ରକଳ୍ପ ଦିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ । ଏହାକୁ ନେଇ ଗାଁ ଲୋକଙ୍କର ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ସରକାର ଯୋଜନା କାହା ପାଇଁ କରୁଛନ୍ତି ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି ।ଜିଲା ପ୍ରଶାସନର ଅବହେଳା ପାଇଁ ଏହି ଗାଁଟି ଅବହେଳିତ ହୋଇପଡୁଥିବା ଅଭିଯୋଗ ହେଉଥିବା ବେଳେ ଜିଲାପାଳ ଏହି ଗାଁ ପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ସୁଦର୍ଶନ ଜେନା, ରମାକାନ୍ତ , ସୁରେଶ, ସୁଶାନ୍ତ, ଶିଶିର, ସଂଗ୍ରାମ, ସମୀର, ଶରତ, ଅରୁଣ, ଗୌରାଙ୍ଗ, ବାବୁଲି ପ୍ରମୁଖ ଦାବି କରିଛନ୍ତି ।

ଶିଳ୍ପ ସଂସ୍ଥାରୁ ଗଚ୍ଛିତ ମାଲ ଉଭାନ ଘଟଣା

ଭିଜିଲାନ୍ସ ତଦନ୍ତ ଦାବି

କେନ୍ଦୁଝର,(ପିଏନ): ଏକ ଶିଳ୍ପ ସଂସ୍ଥାରୁ ଗଚ୍ଛିତ କଞ୍ଚାମାଲ ଉଭାନ ହେବାପରେ ଘଟଣାକୁ ଯେନତେନ ପ୍ରକାର ପ୍ରଶମିତ କରିବା ପାଇଁ ଉଦ୍ୟମ ହେବା ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ ଯେ ଝୁମ୍ପୁରା ବ୍ଲକ ଅଧିନ ବସନ୍ତପୁରଠାରେଥିବା ପ୍ରୋ-ମିନେରାଲ୍ସ କାରଖାନା ପରିସରରୁ ହଜାର ହଜାର ଟନ୍ ଗଚ୍ଛିତ ଲୁହାପଥର ବେଆଇନଭାବେ ବିକ୍ରୀ ହୋଇଥିବ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରାଜ୍ୟ ଖଣି ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ଟିମ୍ ଅନୁଧ୍ୟାନ କରି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବା ପରେ କମ୍ପାନୀର ମୁଖା ଖୋଲିଥିଲା। ମାତ୍ର କମ୍ପାନୀର ଅନୁରୋଧ ଓ ଚତୁରତା କ୍ରମେ ଯୋଡ଼ା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପୁନଃରାୟ ଯାଞ୍ଚକରି ଏହି ବେଆଇନ କାର୍ଯ୍ୟକୁ ଲାଘବ କରିବା ପାଇଁ ଉଦ୍ୟମ କରିଥିଲା। ରାଜ୍ୟ ଟିମ୍ ଏବଂ ଖଣି ଉପନିର୍ଦ୍ଦେଶକଙ୍କ ଟିମ୍‌ର ରିପୋର୍ଟ ମଧ୍ୟରେ ତାଳମେଳ ନରହିବାରୁ ଏହି ଦୁର୍ନୀତିର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥିଲା। ଏହି ବିବାଦୀୟ ଘଟଣାରେ ବିଭାଗୀୟ ଉଚ୍ଚ ପ୍ରଶାସନ କମ୍ପାନୀର ଟ୍ରେଡ଼ିଂ ଲାଇସେନ୍ସକୁ ସସପେଣ୍ଡ କରିବା ସହ ଯୋଡ଼ା ଖଣି ଉପନିର୍ଦ୍ଦେଶକଙ୍କୁ ଅନ୍ୟତ୍ର ବଦଳି କରିବା ଘଟଣା କମ୍ପାନୀର କଳାକାରନାମାକୁ ପଦାରେ ପକାଇଥିଲା। ମାତ୍ର ଖଣି ଦୁର୍ନୀତି ରୋକିବା ପାଇଁ ସରକାର ବହୁବିଧ ନିୟମ ଜାରି ସହ ଦୃଢ ପଦକ୍ଷେପ ନେଉଥିବାବେଳେ ସମ୍ପୃକ୍ତ କମ୍ପାନୀ ଏହାକୁ ଭୃକ୍ଷେପ ନକରି କେମିତି ଓ କେଉଁ ଉପାୟରେ ଏହି ଦୁର୍ନୀତି କରିବସିଲା ଏହା ଚର୍ଚ୍ଚାର ବିଷୟ ହୋଇଛି। ଏତଦବ୍ୟତିତ ବିନା ଅନୁମତିରେ କମ୍ପାନୀ ଗଚ୍ଛିତ ରିଜେକ୍ଟ ମାଲକୁ ଇଚ୍ଛା ମୁତାବକ ବିକ୍ରୀକରିଥିବା ସ୍ଥାନୀୟ ଅଧିବାସୀମାନେ ପ୍ରକାଶ କରିଛନ୍ତି। ଏହି ଘଟଣାର ସମସ୍ତ ତଥ୍ୟ ଉନ୍ମୋଚନ ପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗ ତଦନ୍ତ ଭାର ନେଲେ ସମସ୍ତ କଳାକାରନାମା ପଦାକୁ ଆସିବ ବୋଲି କ୍ଷତିଗ୍ରସ୍ତ ଗ୍ରାମବାସୀ ବିରଜ କୁମାର ମହାନ୍ତ,ଶଙ୍କର୍ଷଣ ମହାନ୍ତ,ମଳୟ କୁମାର ମହାନ୍ତ ସମେତ ଅନ୍ୟ ଗ୍ରାମବାସୀ ମାନେ ଲିଖିତ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବୀ ହୋଇଛି ।

ପୁଣି ୨ ସାମ୍ବାଦିକଙ୍କୁ ଆକ୍ରମଣ

ବାଲେଶ୍ୱର(ପିଏନ) : ବାଲେଶ୍ୱର ଜିଲ୍ଲା ଅଧିନସ୍ଥ ନୀଳଗିରିର ୨ଜଣ ସାମ୍ବାଦିକଙ୍କୁ ଆକ୍ରମଣ କରାଯିବା ଘଟଣା ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି । ଜେଲରୁ ସର୍ତ୍ତମୂଳକ ଜାମିନରେ ଫେରିଥିବା ଜଣେ ବସ୍ ଲୁଟେରା ଏହି ଆକ୍ରମଣ କରିଥିବା ଜଣାପଡ଼ିଛି । ସୂଚନା ଯୋଗ୍ୟଯେ ୨/୩ମାସ ପୂର୍ବରୁ ନୀଳଗିରି-କପ୍ତିପଦା ରାସ୍ତାର ସଜନାଗଡ଼ ଠାରେ ଉଦଳାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଅଟକାଇ ବନ୍ଧୁକ ଓ ଭୁଜାଲୀ ଦେଖାଇ ୩/୪ଜଣ ଦୁର୍ବୃତ୍ତ କଣ୍ଡକଟରଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗ ଓ ସୁନା ଅଳଙ୍କାର ଲୁଟି ନେଇଥିଲେ । ଏହି ଘଟଣାରେ ତତ୍‌କାଳୀନ ନୀଳଗିରି ଆଇଆଇସି ଳଳୀତା ମୋଦି ଗୋଡ଼ିଶୋଳ ଗ୍ରାମର ଲମ୍ବୁ ଓରଫ ଉତ୍ତମ ବିଶ୍ୱାଳକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ତେବେ ଜେଲ୍‌ରୁ ସର୍ତ୍ତମୂଳକ ଜାମିନରେ ଆସି ସମ୍ପୃକ୍ତ ଲୁଟେରା ନୀଳଗିରି ବଜାରର ରବିବାର ଅପରାହ୍ନରେ ନୀଳଗିରି ବଜାରର ଦୁର୍ଗାମଣ୍ଡପ ସମ୍ମୁଖରେ ପ୍ରିୟନାଥ ବେହେରାଙ୍କୁ ହତ୍ୟାଧମକ୍ ଦେଇଥିଲା । ପୁଣି ରାତିପ୍ରାୟ ସାଢେ ୯ଟା ସମୟରେ ଏକ ରାଜନୈତିକ ଦଳରେ ସମ୍ପୃକ୍ତ ଥିବା ଟୁବୁଲୁ ଓରଫ ସବ୍ୟସାଚୀ ମହାପାତ୍ର ସାମ୍ବାଦିକ ଅଶେଷଙ୍କୁ ପଷ୍ଟୋଅଫିସ୍ ପାଖକୁ ଫୋନକରି ଡକାଇଥିଲେ ସମ୍ପୃକ୍ତ ସାମ୍ବାଦିକ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ଲମ୍ବୁ ତାଙ୍କୁ ଅଶ୍ଳୀଳ ଗାଳିଗୁଳଜ କରି କାହିଁ ମୋ ଖବର ପେପରରେ ଛପାଇଥିଲୁ ବୋଲି ଧମକ ଦେଇଥିଲା । ଏଥିରେ ଶ୍ରୀ ସ ପ୍ରତିବାଦ କରିବାରୁ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତ ଜଣଙ୍କ ଖସି ପଳାଇଥିଲା । ଖବରପାଇ ଆଇଆଇ ମିନତୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ସବ୍‌ଇନ୍ସପେକ୍ଟ ଗଣେଷ ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଏବାବଦରେ ଥାନାରେ ଉଭୟ ସାମ୍ବାଦିକଙ୍କ ପକ୍ଷରୁ ଏକ ଦାବିପ୍ରତ ଆଇଆଇସିଙ୍କୁ ଦିଆଯାଇଥିବା ବେଳେ ଖୁବ୍‌ଶିଘ୍ର ଅଭିଯୁକ୍ତଙ୍କୁ କାବୁ କରାଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପଞ୍ଚଲିଙ୍ଗେଶ୍ୱରରେ ପର୍ଯ୍ୟଟକଙ୍କୁ ମାଡ଼ ମାରିବା, ପ୍ରଶାସନକୁ ଧମକ ଦେଇ ଦିବାଲୋକରେ ମରମ ଚୋରୀକରିବା, ରାଜନେତାଙ୍କ ଛତ୍ରଛାୟାତଳେ ରହି ସର୍ବସମ୍ମୁଖରେ ଗଣ୍ଡଗୋଳ କରିବା ପ୍ରବୃତ୍ତି ଏକାଧିକ ଅଭିଯୋଗ ରହିଛି ।

ରେମୁଣା ଜନଶୁଣାଣୀ ଶିବିରରେ ୧୩୯ ଅଭିଯୋଗ

ବାଲେଶ୍ୱର(ପିଏନ):ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ରେମୁଣା ବ୍ଲକରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ , ଏସ୍‌ପି ବି ଯୁଗଳ କିଶୋର କୁମାର ଉପଜିଲ୍ଲାପାଳ ନୀଲୁ ମହାପାତ୍ର,ପିଡ଼ି ଡିଆରଡିଏ ରାମଚନ୍ଦ୍ର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ବିଡ଼ିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ୧୩୯ଟି ଅଭିଯୋଗକୁ ଦେଖି ସମ୍ପୃକ୍ତ ବିଭାଗକୁ ଏହାର ସମାଧାନ ପାଇଁ ପଠାଯାଇଥିଲା । ବିଭିନ୍ନ ବିଭାଗରୁ ଅବସର ନେଇଥିବା କର୍ମଚାରୀମାନେ ପେନ୍‌ଶନ ସମ୍ବନ୍ଧୀୟ ଅଭିଯୋଗ କରିଥିଲେ । ଅବସର ନେଇସାରିବା ପରେ ସେମାନେ କିପରି ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି ସେନେଇ ଅଭିଯୋଗ କରିଥିଲେ । ମାର୍ଚ୍ଚମାସ ପରେ ପେନ୍‌ସନ୍ ସମ୍ବନ୍ଧୀୟ କୌଣସି ଅଭିଯୋଗ ଯେପରି ନଆସେ ସମ୍ପୃକ୍ତ ବିଭାଗ ନିଶ୍ଚିତ ଧ୍ୟାନ ରଖିବାକୁ ତାଗିଦ କରିଥିଲେ । ଅନ୍ୟଥା ସେହି ବିଭାଗର ଅଧିକାରୀ କେବଳ ଉତ୍ତରଦାୟୀ ରହିବେ ନାହିଁ ବରଂ ସେମାନଙ୍କ ଦରମାରୁ ପେନସନ୍ ଭରଣା କରାଯିବା ବୋଲି ତାଗିଦ୍ କରିଥିଲେ । ଚଳିତମାସ ୫ତାରିଖରେ ବାଲେଶ୍ୱର ପାଇଁ ନୋଡ଼ାଲ ଅଫିସର ଡ. ପ୍ରମୋଦ କୁମାର ମେହରଦା ଓ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ନରହରିପୁର ପଞ୍ଚାୟତର ବେଗମପୁର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ କାର୍ଯ୍ୟର ସ୍ୱଚ୍ଛତା ଖୋଜିବା ବେଳେ ଅସ୍ୱଚ୍ଛତା ଦେଖିବାକୁ ମିଳିଥିଲା । ସେଦିନ ସ୍କୁଲରେ ମୋଟ ୫୫ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ଖାତାଯାଞ୍ଚ ସମୟରେ ୬୪ଜଣଙ୍କ ଉପସ୍ଥାନ ପଡ଼ିଥିଲା । ଯେଉଁଠାରେ ପିଲାଙ୍କୁ ସୁନାଗରିକ ଭାବେ ଗୋଢି ତୋଳିବାର ଶିକ୍ଷା ଦିଆଯାଏ ସେଠାରେ ଏପରି ଅନୀୟମିତତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ସୋମବାର ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଡାକି ଏହାର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯିବା ସହ ତାଙ୍କର ଏପରି ଅନିୟମିତତାର ଉପଯୁକ୍ତ ଉତ୍ତର ଆଣିବାକୁ କହିଥିଲେ ।

ଗେଙ୍ଗୁଟି ନଦୀ ପୋଲ ଉପର ପାଲଟିଛି ଧାନ ଓ ବିରି ଖଳା

ନେଉଳପୁର, ୧୧/୨(ପି.ଏନ)- ଜନସାଧାରଣଙ୍କ ଯାତାୟତର ସୁବିଧା ପାଇଁ ବରୁଆଁ ବାଲିଚନ୍ଦ୍ରପୁର ରାସ୍ତାର ଅରେଇକଣା ଗ୍ରାମରେ ବଡଚଣା ରାସ୍ତା ଓ ଗୃହ ନିର୍ମାଣ ସବଡିଭିଜନ ଦ୍ୱାରା ଗେଙ୍ଗୁଟି ନଦୀ ଉପରେ ଏକ ପୋଲ ନିର୍ମାଣ କରାଯାଇଛି । ଯାଜପୁର ଜିଲ୍ଲା ସଦର ମହକୁମାକୁ ଯିବାପାଇଁ ବଡଚଣା ବ୍ଲକର ଅଣକା, ଅଚ୍ୟୁତବସନ୍ତ, ପଟରାଜପୁର, ଭରତପୁର, ବାଲିଚନ୍ଦ୍ରପୁର, ନଳୀପୁର, ବାଲିପଡିଆ ଓ ପଲେଇ ପଂଚାୟତର ଶତାଧିକ ଲୋକ ଏହି ପୋଲ ଦେଇ ଯାତାୟତ କରିଥାନ୍ତି । ବଡଚଣା ଓ ଧର୍ମଶାଳା ମଧ୍ୟରେ ଏହି ପୋଲ ଥିବାରୁ ଉଭୟ ଧର୍ମଶାଳା ଓ ବଡଚଣାର ଜନସାଧାରଣ ଏହା ଦ୍ୱାରା ଉପକୃତ ହୋଇଥାନ୍ତି । ମାତ୍ର ଏବେ ଏହି ପୋଲ ସ୍ଥାନୀୟ ଅରେଇକଣା ଗଡଜିତ ଗ୍ରାମର ଚାଷୀ ମାନଙ୍କର ଧାନ ଓ ବିରିଖଳା ପାଲଟିଛି ବୋଲି ସାଧାରଣରେ ଅଭିଯୋଗ ହେଉଅଛି । ଚାଷୀ ମାନେ ନିଜ ନିଜ ଖଳାରେ ବିରି ଓ ଧାନ ନସୁକାଇ ପୋଲ ଉପରେ ଗଦା କରି ବିରି ବେଙ୍ଗଳା ପକାଉ ଥିବାର ଦେଖାଯାଉଛି । ପୋଲ ଆରମ୍ଭରେ ରାସ୍ତା ଓ ଗୃହ ନିର୍ମାଣ ବଡଚଣା ପକ୍ଷରୁ ଏକ ଟୋଲଗେଟ ନିର୍ମାଣ କରାଯାଇଛି । ଚାଷୀ ମାନେ ବିରି ଫସଲକୁ ଅଧିକ ଉଚ୍ଚରେ ଗଦା କରି ରଖିଥିବାରୁ ପୋଲ ଆରମ୍ଭରେ ଆସୁଥିବା ଲୋକଙ୍କୁ ରାସ୍ତା କୀଛି ଦେଖାଯାଉ ନାହିଁ । ଚାଷୀ ମାନେ ବିରକୁ ବେଙ୍ଗଳା କରିବା ପରେ ବିଦ୍ୟୁତ ତାର ଦ୍ୱାରା ହୁକ ପକାଇ ପଙ୍ଖା ସାହାର୍ଯ୍ୟରେ ଉଡାଉଥିବାର ମଧ୍ୟ ଦେଖାଯାଉଛି । ପ୍ରତିଦିନ ଶତାଧିକ ଲୋକ ଓ ଯାନବାହାନ ଯାଉଥିବାରୁ ଏସବୁ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି । ବିରି ଗୁଡିକ ଧୂଳି ଉଡି ଲୋକଙ୍କ ଉପରେ ପଡୁଥିବାର ଅଭିଯୋଗ ହୋଇଛି । ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ପୋଲଟି ନିର୍ମାନ ହୋଇଥିଲେ ମଧ୍ୟ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଏହାକୁ ବ୍ୟବହାର କରିବା ଫଳରେ ସାଧାରଣ ଯାତ୍ରୀ ମାନେ ନାହାଁ ନଥିବାର ସମ୍ମୁଖୀନ ହେଉଛନ୍ତି । ଯାଜପୁର ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ତୁରନ୍ତ ପୋଲ ଉପରୁ ବିର ଖଳାକୁ ହଟାଇବାକୁ ସ୍ଥାନୀୟ ଜନସାଧାରଣରେ ଦୃଢ ଦାବୀ ଜଣାଇଛନ୍ତି ।

ଫାଷ୍ଟଟ୍ୟାଗ ପ୍ରଚଳନ ପରେ ଟୋଲଗେଟରେ ଉତ୍କଟ ଟ୍ରାଫିକ ସମସ୍ୟା

ନେଉଳପୁର,୧୧/୨(ପି.ଏନ.)- କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ରାଜପଥରେ ଥିବା ସମସ୍ତ ଟୋଲଗେଟର ଫାଷ୍ଟଟାଗର ବ୍ୟବସ୍ଥା କରାଯାଇଛି । ଭିତିଭୁମିର ଅଭାବ ଥିବାରୁ ବହୁ ଟୋଲଗେଟରେ ଫାଷ୍ଟଟାଗ ପ୍ରଚଳନ ପରେ ଟ୍ରାଫିକ ସମସ୍ୟା ଉପୁଜୁଚି । ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ପାରାଦ୍ୱୀପ ୫ନଂ କ ଜାତୀୟ ରାଜପଥର ଶ୍ରୀରାମପୁର ଠାରେ ଥିବା ଟୋଲଗେଟରେ ଏବେ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି । ବିଶେଷ କରି ସନ୍ଧ୍ୟା ସମୟରେ

କେତେ ସୁରକ୍ଷିତ ଜୈବିକ ଖାଦ୍ୟ ?

ଭୁବନେଶ୍ୱର (ପିଏନ୍): ପନିପରିବାକୁ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ କୃଷି କ୍ଷେତ୍ରରେ କୀଟନାଶକ ଔଷଧର ବ୍ୟବହାର କରାଯାଉଛି। ହେଲେ ଏହି ରାସାୟନିକ ଔଷଧର ଖରାପ ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବାରୁ ଏବେ ଜୈବିକ ପନିପରିବା ଉତ୍ପାଦନ କରାଯାଉଛି। ରାସାୟନିକ ସାର, ବଦଳରେ ଜୈବିକ ସାର ଦେଇ ଉତ୍ପାଦନ କରାଯାଉଛି ପନିପରିବା ଓ ଫଳ ଇତ୍ୟାଦି। ନିକଟରେ ଏକ ସ୍ୱାସ୍ଥ୍ୟ ପତ୍ରିକାର ଅଧ୍ୟୟନରୁ ଯାହା ଜଣାଯାଏ ଜୈବିକ ପନିପରିବାରେ ଯେତିକି ମାତ୍ରାରେ କୀଟନାଶକ ବ୍ୟବହାର କରାଯାଉଛି, ତାଠାରୁ ଢ଼େର ଗୁଣା କମ୍ କୀଟନାଶକ ଅଣ-ଜୈବିକ ପନିପରିବାରେ ବ୍ୟବହାର କରାଯାଉଛି। ଦିନସାରା ଅବିରତ କାମ କରିବା ପାଇଁ ଶରୀରକୁ ଦରକାର ଶକ୍ତି। ସୁଷମ ଖାଦ୍ୟ ହିଁ ଶରୀରକୁ ଶକ୍ତି ଯୋଗାଇବା ସହିତ ଆମକୁ ସତେଜ ରଖିଥାଏ। କିନ୍ତୁ ଆଜିକାଲି ବଜାରରେ ଯେଉଁସବୁ ପନିପରିବା, ଫଳ ଆଦି ମିଳୁଛି ତାହା କେତେ ଶୁଦ୍ଧ ତାହା ଆମେ ଜାଣିନାହୁଁ। ଚାଷ ସମୟରେ ଅଧିକ ଅମଳ ପାଇଁ ଚାଷୀମାନେ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ପ୍ରୟୋଗ କରିଥାଆନ୍ତି। ପନିପରିବା ଓ ଫଳମୂଳ ଚାଷ ହେବା ସମୟରେ ଯେଉଁ କୀଟନାଶକ ଔଷଧ ବ୍ୟବହାର କରାଯାଏ ତାହା ପରିବା ଉତ୍ପାଦନ ହେବା ପର୍ଯ୍ୟନ୍ତ ସେଥିରେ ରହିଥାଏ। ଆମେ ଏଗୁଡ଼ିକୁ ଖାଇବା ପରେ ଏହା ଆମ ଶରୀର ମଧ୍ୟକୁ ଯାଇ ନାନା ରୋଗ ସୃଷ୍ଟି କରିଥାଏ। କିନ୍ତୁ ଆମେ ତାହା ଜାଣିବା କଷ୍ଟକର ହୋଇଥାଏ। ପନିପରିବା ଫଳମୂଳରେ କେତେ ପରିମାଣର ବିଷାକ୍ତ ପଦାର୍ଥ ରହିଛି ତାହା ଉପରେ ନିକଟରେ ଏକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି। ସାଧାରଣତଃ ଯେଉଁ ଲୋକ ବିଷପାନ କରିଥାଏ ସେ ବିଷକୁ ବାହାର କରିବା ପାଇଁ ପଟାସିୟମ ପରମାଙ୍ଗାନେଟ ପାଣି ଉକ୍ତ ବ୍ୟକ୍ତିଙ୍କୁ ଦେଲେ ତାଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ। କିଛି ପରିମାଣର ପଟାସିୟମ ପରମାଙ୍ଗାନେଟ ପକାଇ ସେଥିରେ ସବୁଜ ପନିପରିବାକୁ ପକାନ୍ତୁ। ମାତ୍ର ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ପରିବାରେ ଥିବା ବିଷାକ୍ତ ପଦାର୍ଥ ପୃଥକ ହୋଇଯିବ। ଏହା ସହ ବାଇଗଣୀ ରଙ୍ଗର ପଟାସିୟମ ପାଣି ସଙ୍ଗେ ସଙ୍ଗେ ଧଳା ହୋଇଯିବ। ସାଧାରଣତଃ ଆମେ ଯେଉଁ ପନିପରିବା ଓ ଫଳମୂଳ ଖାଉଛେ ସେଥିରେ ୯୯ ପ୍ରତିଶତ ବିଷାକ୍ତ ପଦାର୍ଥ ରହିଛି। ଅଧିକ ଅମଳ ପାଇଁ ପନିପରିବା, ଫଳ ଆଦି ଚାଷ ସମୟରେ କୀଟନାଶକ ପ୍ରୟୋଗର ଆବଶ୍ୟକତା ରହିଛି। ଯେଉଁମାନେ ପନିପରିବା, ଫଳ ଆଦି ଉତ୍ପାଦନ କରନ୍ତି ସେଗୁଡ଼ିକରେ କେତେ ପରିମାଣର ବିଷାକ୍ତ ପଦାର୍ଥ ରହିଛି ତାହା ନଜାଣି ସିଧାସଳଖ ତୋଳି ବଜାରରେ ବିକ୍ରି କରିଥାନ୍ତି। କିନ୍ତୁ କୀଟନାଶକ ପଦାର୍ଥ ଜୈବିକ ହେଲେ କୌଣସି ସମସ୍ୟା ନାହିଁ। କିନ୍ତୁ ଚାଷୀମାନଙ୍କ ମଧ୍ୟ ସଚେତନତା ଅଭାବରୁ ସେମାନେ ରାସାୟନିକ କୀଟନାଶକ ବ୍ୟବହାର କରୁଛନ୍ତି। ଯାହା କେବଳ ପ୍ରାଣୀ ଜଗତ ପାଇଁ କ୍ଷତିକାରକ ତାହା ନୁହେଁ ପରିବେଶ ପାଇଁ ମଧ୍ୟ ହାନିକାରକ। ସେହିପରି ଶାଗଜାତୀୟ ଫସଲ ବୃଦ୍ଧି ନିମନ୍ତେ ଚାଷୀମାନେ ୟୁରିଆକୁ ପତ୍ର ଛିଞ୍ଚା କରି ସ୍ୱଳ୍ପ ଦିନ ବ୍ୟବଧାନରେ ବଜାରରେ ବିକ୍ରି କରିଥାନ୍ତି। ଏଥିରେ ଥିବା ୟୁରିଆ ବିଭିନ୍ନ ପେଟ ରୋଗର କାରଣ ହୋଇଥାଏ। ସେହିପରି ବଜାରରୁ କିଣିଥିବା ଲଙ୍କା, ବନ୍ଧାକୋବି, ଧନିଆପତ୍ର, ପୋଦିନାପତ୍ର, ଫୁଲକୋବି ଆଦି ପନିପରିବାରେ ବହୁ ପରିମାଣରେ ବିଷଥିବା ନେଇ ବିଭିନ୍ନ ଜର୍ଣ୍ଣାଲରେ ଗବେଷଣାତ୍ମକ ଲେଖା ପ୍ରକାଶ ପାଇଛି। ଏପରିକି କଞ୍ଚା ଖାଉଥିବା ପିଆଜରେ ମଧ୍ୟ ବିଷାକ୍ତ ପଦାର୍ଥ ଥିବା ଜଣାପଡ଼ିଛି। ଏହି ବିଷ ପ୍ରୟୋଗ ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡ଼ି କୀଟପତଙ୍ଗ ଓ ପଶୁପକ୍ଷୀମାନେ ଏହାକୁ ଖାଇ ବିଲୁପ୍ତ ହେବାରେ ଲାଗିଲେଣି। ଅଧ୍ୟୟନରୁ ଜଣାପଡ଼ିଛି ଯେ ବର୍ତ୍ତମାନ ଅଣ-ଜୈବିକ ପନିପରିବା ପରିବର୍ତ୍ତେ ଜୈବିକ ପନିପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ। ପନିପରିବାକୁ ସତେଜ ଏବଂ ରୋଗମୁକ୍ତ କରି ରଖିବା ପାଇଁ ଅନେକ ଜୈବିକ ଫାର୍ମଗୁଡ଼ିକରେ ମାତ୍ରାଧିକ କୀଟନାଶକ ବ୍ୟବହାର କରାଯାଉଛି। ଏବଂ ସେହି ମାତ୍ରାଧିକ କୀଟନାଶକ ମିଶା ପନିପରିବାକୁ ରାସାୟନିକ ସାର ମୁକ୍ତ ବା ଜୈବିକ ପନିପରିବାର ଟ୍ୟାଗ ଲଗାଇ ଲାଭ ପାଇଁ ବଜାରରେ ଅଧିକ ଟଙ୍କାରେ ବିକ୍ରି କରାଯାଉଛି। ଅନ୍ୟ ଅର୍ଥରେ କହିଲେ ଲୋକମାନେ ଯେଉଁ ଜୈବିକ ପରିବାକୁ ବହୁତ ସୁରକ୍ଷିତ ଭାବୁଥିଲେ ତାହା ଏବେ ମିଛ ବୋଲି ପ୍ରମାଣିତ ହୋଇଯାଇଛି। ତେବେ ଏ ସମ୍ପର୍କରେ ଭାରତୀୟ ଶସ୍ୟ ସୁରକ୍ଷା ସଂସ୍ଥାନ ପକ୍ଷରୁ ସୂଚନା ଅଧିକାରକୁ ଯେଉଁ ପ୍ରଶ୍ନ କରାଯାଇଥିଲା ତାର ଉତ୍ତରରେ ଜାଣିବାକୁ ମିଳିଛି ଯେ ରାଜଧାନୀ ଦିଲ୍ଲୀର ବଜାରରେ ବିକ୍ରି ହେଉଥିବା ଜୈବିକ ପନିପରିବାର ୩୩ ପ୍ରତିଶତ ହେଉଛି କୀଟନାଶକଯୁକ୍ତ ପନିପରିବା। ତେବେ ଏହି ଜୈବିକ ଖାଦ୍ୟରେ କେତେ ମାତ୍ରାରେ କୀଟନାଶକ ମିଶିଛି ସେ ସମ୍ପର୍କରେ ଜାଣିବା ପାଇଁ ଭାରତୀୟ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ଦିଲ୍ଲୀର ଲୋଧି ରୋଡ଼ସ୍ଥିତ ମେହେର ଚାନ୍ଦ ବଜାରରେ ଦୋକାନଗୁଡ଼ିକରୁ ଜୈବିକ ପନିପରିବାର ନମୁନା ନିଆଯାଇଥିଲା। ଜାନୁଆରୀ ୨୦୧୨ରୁ ଅକ୍ଟୋବର ୨୦୧୪ ମଧ୍ୟରେ ୧୫୦ଟି ପରିବା ନମୁନା ନିଆଯାଇ ପରୀକ୍ଷା କରାଯାଇଥିଲା। ସମୁଦାୟ ନମୁନାର କୀଟନାଶକର ମାତ୍ରା ମାକ୍ସିମମ୍ ରିସିଡ୍ୟୁ ଲେଭେଲ୍ ଠାରୁ ୬.୬ ପ୍ରତିଶତ ଅଧିକ ଥିବା ଜଣାପଡ଼ିଛି। ଯେତେବେଳେ କି ଅଣଜୈବିକ ପନିପରିବାରେ କୀଟନାଶକର ମାତ୍ରା ଏମ୍‌ଆରଏଲ୍ ଠାରୁ ୨.୭ ପ୍ରତିଶତ ଏବଂ ଜୈବିକ ଫଳରେ ଏହାର ମାତ୍ରା ୦.୮ ପ୍ରତିଶତ ଅଧିକ ରହିଛି। ସ୍ୱାସ୍ଥ୍ୟପ୍ରତି ଲାଭଦାୟକ ଥିବା ଜୈବିକ ପନିପରିବା ପ୍ରକୃତରେ ଯେ କେତେ କ୍ଷତିକାରକ ତାହା ଏହି ପରୀକ୍ଷାରୁ ଜଣାପଡ଼ି ଯାଇଛି। ପରୀକ୍ଷା କରାଯାଇଥିବା ଜୈବିକ ପନିପରିବାରେ ଏସିଟାମିପ୍ରିଡ୍, କ୍ଲୋରପିରିଫସ୍, ସିପରମିଥ୍ରିନ୍, ଫ୍ଲୁବେନ୍‌ଡିଆମାଇଡ୍ ଏବଂ ପ୍ରୋଫିନୋଫୋସ୍ ପରି ବିଷାକ୍ତ କୀଟନାଶକ ମିଶିଥିବାର ଜଣାପଡ଼ିଛି। ବିଶେଷ କରି କ୍ଲୋରଫିରିଫସ୍, ସିପରମିଥ୍ରିନ୍, ଏହି ଦୁଇଟି କୀଟନାଶକର ମାତ୍ରା ଅଧିକ ରହିଥିବାର ଦେଖାଯାଇଛି। ମନୁଷ୍ୟ ଶରୀରରେ କ୍ଲୋରପିରିଫସ୍‌ର ମାତ୍ରା ଅଧିକ ରହିଲେ ବିକାଶରେ ବାଧା ସୃଷ୍ଟି ହୁଏ, ଏହି ବିଷାକ୍ତ ପଦାର୍ଥ ଲୋକର ରୋଗ ପ୍ରତିରୋଧକ ଶକ୍ତିକୁ କମାଇ ଦିଏ। ସେହିପରି ସିପରମିଥ୍ରିନ୍ କୀଟନାଶକ ଦ୍ୱାରା ମୁଣ୍ଡବ୍ୟଥା, ଦୁର୍ବଳ ମାସଂପେଶୀ, ଶ୍ୱାସକ୍ରିୟାଜନିତ ଅସୁବିଧା ହୋଇଥାଏ। ଜୈବିକ ପନିପରିବା ଖାଇବା ଶରୀର ପ୍ରତି ଲାଭଦାୟକ ସତ କିନ୍ତୁ ସେଗୁଡ଼ିକ ପ୍ରକୃତରେ ଜୈବିକ ଉପାୟରେ ଉତ୍ପାଦିତ ହେଉଛି ନା ନାହିଁ ତାହାକୁ ତଦାରଖ କରିବା ସରକାରଙ୍କ ଦାୟିତ୍ୱ। ତେବେ ଏ କ୍ଷେତ୍ରରେ ସରକାରଙ୍କ ଉପରେ ଦୋଷ ଲଦିଲେ ଚଳିବନି କାରଣ ଏହି ଦାୟିତ୍ୱ ସବୁ ଆମ୍ଭମାନଙ୍କର।

(ସୌଜନ୍ୟ: **ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭)

ଶିଶୁ ସ୍ୱାସ୍ଥ୍ୟରେ ପୁଷ୍ଟିର ସହାୟକତା

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତା ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଚଳିତ ବର୍ଷର ଏହି ଜାତୀୟସ୍ତରର ପୁଷ୍ଟି ସପ୍ତାହ ଅବସର ପାଇଁ ସ୍ଲୋଗାନ ରହିଛି 'ଉତ୍ତମ ପୁଷ୍ଟି ସାଧନ : ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ'। ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣହେଳା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତ୍ୟାନ୍ତ ଅପରିହାର୍ଯ୍ୟ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ହେଉଛି ଆସନ୍ତା କାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟପାଇଁ ଏକ ଦିବ୍ୟ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁପାଇଁ ଏହା ଏକ ପ୍ରକାର ଈଶ୍ୱରପ୍ରଦତ୍ତ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆ ମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରୀ କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ। ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ। ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷା ଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାସିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତୀ ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁପାଇଁ ସଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେ କୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ିକର୍ମୀ ମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାହାନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣୀଟୁଣି ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରୀକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।

(ସୌଜନ୍ୟ: ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ, ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ, କଟକ, ଦୂରଭାଷ: ୯୪୩୭୧୨୪୦୭୪)

ଆଇଟିଆଇ ଛକଠାରୁ ସେଣ୍ଟ୍ରାଲ ସ୍କୁଲ ଓ ଫକୀରମୋହନ ଗୋଲେଇ ରାସ୍ତା ଦୁର୍ଘଟଣାପ୍ରବଣ

ବାଲେଶ୍ୱର (ପିଏନ୍): ବାଲେଶ୍ୱର ସହରର ମୁଖ୍ୟ ପ୍ରବେଶପଥ ଆଇଟିଆଇ ଛକ କ୍ରମଶଃ ଦୁର୍ଘଟଣାପ୍ରବଣ ହୋଇପଡୁଛି। ଆଇଟିଆଇଛକରେ ବହୁ ସଂଖ୍ୟକ ଗାଡ଼ି ଛିଡ଼ାହେବା ସହ ଆରଟିଓ ଅଫିସରେ ଯାନବାହାନ ଯାଞ୍ଚ ଯୋଗୁଁ ୪ ଚକିଆ ଯାନଠାରୁ ଆରମ୍ଭ କରି ୧୮ଚକିଆ ପର୍ଯ୍ୟନ୍ତ ଭାରି ଯାନ ରାସ୍ତାର ଦୁଇଧାରକୁ ମାଡ଼ି ବସିଛନ୍ତି। ଏହାଛଡ଼ା ଆଇଟିଆଇ ଛକଠାରୁ ସେଣ୍ଟ୍ରାଲ ସ୍କୁଲ ପର୍ଯ୍ୟନ୍ତ ରାସ୍ତାକୁ ଭିଡ଼ି ଦୋକାନବଜାର ହୋଇଥିବା ବେଳେ ରାସ୍ତା ଉପରେ ମଧ୍ୟ ସିମେଣ୍ଟ ରଡ୍ ବୋଝେଇ ଟ୍ରକ ଲୋଡ଼ିଂ ଅନ୍‌ଲୋଡ଼ିଂ ଚାଲିଛି। ଏହାଛଡ଼ା ଏଠାରେ ଥିବା ମଦଦୋକାନ ଆଗରେ ମଧ୍ୟ ବହୁ ସଂଖ୍ୟାକ ୨ଚକିଆ ଓ ୪ଚକିଆ ଗାଡ଼ି ଘଣ୍ଟାଘଣ୍ଟା ରହିବା ଫଳରେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ପ୍ରତିରକ୍ଷା ବିଭାଗର ଭାରି ଯାନ ଚଳାଚଳ କରିବା ସହ ସ୍କୁଲ କଲେଜ ଗାଡ଼ି ମଧ୍ୟ ଚଳାଚଳ କରି

ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଇପିଏଫ୍ ପେନ୍‌ସନ୍‌ଧାରୀଙ୍କ ବିକ୍ଷୋଭ

ବାଲେଶ୍ୱର-(ପିଏନ) :ବାଲେଶ୍ୱର ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଇପିଏଫ୍ ପେନ୍‌ସନ୍ ଭୋଗୀମାନେ ୪ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଫକୀରମୋହନ ଗୋଲେଇ ଛକଠାରୁ ଏକ ଶୋଭାଯାତ୍ରାରେ ଏହି ପେନ୍‌ସନ୍ ଭୋଗୀମାନେ ବାହାରି ଜିଲ୍ଲାପାଳଙ୍କ୍ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନ୍‌ସନ୍ , ବାର୍ଷିକ ବେତନ ଅନୁସାରେ ପେନ୍‌ସନ୍, ମହଙ୍ଗା ଭତ୍ତା,ସରକାରୀ ଯୋଜନାରେ ସ୍ୱାସ୍ଥ୍ୟସେବା ଭଳି ପ୍ରମୁଖ ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟାକଲା ସ୍ୱାମୀ

ବାଲେଶ୍ୱର(ପିଏନ):ବରହମ୍‌ପୁର ଥାନା ଅନ୍ତର୍ଗତ ମାଟିଆଳି ପଞ୍ଚାୟତ ଅଧିନସ୍ଥ ଗୋବିନ୍ଦପୁରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ଜଣକ ତାକୁ ପିଟିପିଟି ମାରିଦେବା ଘଟଣା ସେ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଉକ୍ତ ଗ୍ରାମର ରବିନ୍ଦ୍ର ସିଂ (୫୨) ନିଜ ସ୍ତ୍ରୀ ସୋମବାରୀ (୪୮)ଙ୍କ ଚରିତ୍ର ଉପରେ ସନ୍ଦେହ କରିବାରୁ ରାତିରେ ଉଭୟଙ୍କ ମଧ୍ୟରେ କଳିଗୋଳ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ରବିନ୍ଦ୍ର ତାଙ୍କ ସ୍ତ୍ରୀଙ୍କୁ ପିଟି ପିଟି ମାରିଦେଇଥିଲେ । ଏଖବର ପ୍ରଚାରିତ ହେବାପରେ ବରହମ୍‌ପୁର ଆଇଆଇସି ପ୍ରବଞ୍ଜନ ବେହେରା ହତ୍ୟାକାଣ୍ଡ ସ୍ଥଳକୁ ଯାଇ ତଦନ୍ତ କରିବା ସହ ପତ୍ନୀହନ୍ତା ସ୍ୱାମୀ ରବିନ୍ଦ୍ରଙ୍କୁ ଗିରଫ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

ଗାନ୍ଧୀ କଥା ଓ ଯୁବ ଶିବିର ଅନୁଷ୍ଠିତ

ନେଉଳପୁର, ୧୧/୨(ପି.ଏନ)- ଚଣ୍ଡିଖୋଲ ବାବା ଭୈରାବନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ କଟକ ନିଆଳିସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠିତ ଗାନ୍ଧୀ କଥା ଓ ଯୁବ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିରେନ୍ଦ୍ର କୁମାର ମିଶ୍ର ଉଏହି ଏକ ଦିନିଆ ଶିବିରକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାନ୍ଧୀବାଦୀ ଡ. ମିହିର ପ୍ରତାପ ଦାସ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଅର୍ଥନୀତି ପ୍ରାଧ୍ୟାପକ ତଥା ଗ୍ରାମୀଣ ସେବକ ସମାଜର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ.ସେକ କଲିମ ଉଲ୍ଲା ଓ ସମ୍ମାନିତ ଅତିଥି ଭାବେ ଇତିହାସ ପ୍ରାଧ୍ୟାପକ ପ୍ରଫେସର ସଲିଳ ରାଜନନ୍ଦନ ମହାନ୍ତି, ପ୍ରଫେସର ସୁଜାତା ସେନାପତି, ଅଧ୍ୟାପକ ନିରଞ୍ଜନ ବେହେରା, ଗ୍ରାମୀନ ସେବକ ସମାଜର ସଂପାଦକ ସମାଜସେବୀ ଅଧ୍ୟାପକ ସନ୍ତୋଷ କୁମାର ମାଝୀ ପ୍ରମୁଖ ଯୋଗ ଦେଇ ଆଧୁନିକ ଯୁଗରେ ଗାନ୍ଧୀଙ୍କ ନିତି ଆଦର୍ଶରେ ବୁଝାଇଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗାନ୍ଧୀ କଥା ଉପରେ ଭାଷଣ ଓ ଲେଖନୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସ୍ୱେଚ୍ଛାସେବୀ ବଳରାମ ସାମଲ, ତୁଷାରକାନ୍ତ ସାହୁ, ଲମ୍ବୋଧର ମଲିକ, ଦେବଦତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ ।

ପୋଲ ଉପରେ ଲଟକିଲା ଟ୍ରକ ଅଳ୍ପକେ ବର୍ତିଲା ଚାଳକ

ନେଉଳପୁର, ୧୧/୨(ପି.ଏନ)- ମଙ୍ଗଳବାର ଅପରାହ୍ନରେ ସୁକିନ୍ଦା ଅଂଚଳରୁ ଖଣିଜ ପଦାର୍ଥ ନେଇ ଆସସୁଥିବା ଏକ ଟ୍ରକ ଓଆର୦୯ଇ୦୫୦୧ ଚଣ୍ଡିଖୋଲ ନିକଟସ୍ଥ ଖୋସାଲିପୁର ପୋଲ ଉପରେ ବାଡାକୁ ଭାଙ୍ଗି ଓହଳିକି ରହିଥିବା ଦେଖିବାକୁ ମିଳିଛି । ଏହି ଦୁର୍ଘଟଣାରେ ଚାଳକଟି ଡେଇଁପଡି ବଂଚି ଯାଇଥିଲା ବେଳେ ପ୍ରବଳ ମଦ୍ୟପାନ ଯୋଗୁ ଭାରସାମ୍ୟ ହରାଇ ଏପରି ଦୁର୍ଘଟଣା ଘଟିଥିବା ଜଣାଯାଇଛି ।

ବଜାଜ ଆଲିଆଞ୍ଜ୍ ଜେନେରାଲ ଇନ୍ସୁରାନ୍ସ ପକ୍ଷରୁ 'ହେଲ୍‌ଥ ଇନ୍‌ଫିନିଟି'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ବୀମା ପ୍ରଦାନକାରୀ ସଂସ୍ଥା ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍ସ୍ୟୁରାନ୍ସ ପକ୍ଷରୁ 'ହେଲ୍‌ଥ ଇନ୍‌ଫିନିଟି'ର ଶୁଭାରମ୍ଭ କରାଯାଇଛି, ଯାହାକି ହେଉଛି ଅସୀମିତ ବୀମା ରାଶି (ଏସ୍‌ଆଇ) ପ୍ରଦାନ କରୁଥିବା ଇଣ୍ଡଷ୍ଟ୍ରିର ପ୍ରଥମ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଯୋଜନା। ହେଲ୍‌ଥ ଇନ୍‌ଫିନିଟି ଅଧୀନରେ ଜଣେ ବ୍ୟକ୍ତି ୩,୦୦୦ ଟଙ୍କାରୁ ୫୦,୦୦୦ ଟଙ୍କା ମଧ୍ୟରେ ପ୍ରତିଦିନ ରୁମ୍ ଭଡା ବିକଳ୍ପ ଆଧାରରେ କଭରେଜ୍ ସୀମା ଚୟନ କରିପାରିବେ। ଚୟନ କରାଯାଇଥିବା ବିକଳ୍ପ ଆଧାରରେ ବୀମାକାରୀଙ୍କୁ ପ୍ରତିଦିନ ରୁମ୍ ଭଡା ସୀମାର ୧୦୦ଗୁଣ କ୍ଷତିପୂରଣ ପ୍ରଦାନ କରାଯିବ। ଏହାପରେ ଯଦି ଦାବି କରାଯାଇଥିବା ରାଶି ଅଧିକ ରହେ ତେବେ ଗ୍ରାହକଙ୍କ ଦ୍ୱାରା ବୀମା କିଣିବା ସମୟରେ ଚୟନ କରାଯାଇଥିବା ବିକଳ୍ପ ଅନୁସାରେ ୧୫%, ୨୦% ଓ ୨୫%ର ଏକ କୋ-ପେମେଂଟ୍ ବ୍ୟବସ୍ଥା ଲାଗୁ ହେବ। ଏହି କୋ-ପେମେଂଟ୍ କେବଳ ଦାବି କରାଯାଇଥିବା ରାଶି ଉପରେ ଲାଗୁ ହେବ ଯାହା ରୁମ୍ ଭଡାଠାରୁ ୧୦୦ ଗୁଣ ଅଧିକ ରହିଥାଏ ଏବଂ ମୋଟ କ୍ଲେମ୍ ରାଶି ଉପରେ ଲାଗୁ ହେବ ନାହିଁ।

ଏହି ବୀମା ବିନା କୌଣସି ସବ୍‌ଲିମିଟ୍‌ରେ ହସ୍ପିଟାଲରେ ଭର୍ତି ହୋଇଥିବା ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ କଭର୍ କରିଥାଏ ଏବଂ ଏହାକୁ ୧ ବର୍ଷ, ଦୁଇ ବର୍ଷ କିମ୍ବା ୩ ବର୍ଷର ଅବଧି ପାଇଁ କିଣାଯାଇପାରିବ। ଏହି ବୀମାର ପ୍ରିମିୟମ ପ୍ରସ୍ତାବକଙ୍କ ବୟସ, ତାଙ୍କ ଦ୍ୱାରା ଚୟନ କରାଯାଇଥିବା ହସ୍ପିଟାଲ ରୁମ୍‌ର ଦୈନିକ ଭଡା ଉପରେ ନିର୍ଭର କରିଥାଏ ଏବଂ କୋ-ପେମେଂଟ୍ ବିକଳ୍ପ ଉପଲବ୍ଧ ହୋଇଥାଏ। ଉଦାହରଣ ସ୍ୱରୂପ, ଜଣେ ୪୦ ବର୍ଷୀୟ ବ୍ୟକ୍ତିଙ୍କ ପାଇଁ ୧୦,୦୦୦ ଟଙ୍କାର ଦୈନିକ ରୁମ୍ ଭଡା ପାଇଁ ପ୍ରିମିୟମ ହେବ ୧୪,୬୦୦ ଟଙ୍କା। ହେଲ୍‌ଥ ଇନ୍‌ଫିନିଟିର ଶୁଭାରମ୍ଭ ଅବସରରେ ବଜାଜ ଆଲିଆଞ୍ଜ୍ ଜେନେରାଲ ଇନ୍ସ୍ୟୁରାନ୍ସର ଏମ୍‌ଡି ଓ ସିଇଓ ଶ୍ରୀଯୁକ୍ତ ତପନ ସିଂଘେଲ କହିଛନ୍ତି, "ଆମର ଦୃଢ ବିଶ୍ୱାସ ରହିଛି ଯେ, ପର୍ଯ୍ୟାପ୍ତ କଭରେଜ୍ ସହ ଏକ ସ୍ୱାସ୍ଥ୍ୟ ବୀମା ଯୋଜନା ଜଣେ ବ୍ୟକ୍ତିଙ୍କ ଜୀବନ ପ୍ରତ୍ୟାଶାକୁ ବଢାଇଥାଏ ଏବଂ ଏହା ଆମକୁ ବୀମା ସେବା କ୍ଷେତ୍ରରେ ନିରନ୍ତର ଉଦ୍ଭାବନ ଜାରି ରଖିବାକୁ ପ୍ରେରିତ କରିଥାଏ। ହେଲ୍‌ଥ ଇନ୍‌ଫିନିଟି ସହ ଆମେ ବୀମା ଶିଳ୍ପରେ ପ୍ରଥମ ଥର ପାଇଁ ଅସୀମିତ ବୀମା ରାଶି ସହ ଲୋକଙ୍କୁ ବାସ୍ତବରେ ଅସୀମିତ ସେବା ଓ ସୁରକ୍ଷା ପ୍ରଦାନ କରିବା ପାଇଁ ଗ୍ରାହକଙ୍କ ପାଇଁ ଏକ କଭର୍‌ର ଶୁଭାରମ୍ଭ କରିଛୁ।"

କରୋନା ଭାଇରସ୍ ନିମନ୍ତେ ଡା. ବାତ୍ରାଜ୍ କ୍ଲିନିକ୍ ପକ୍ଷରୁ ମାଗଣା ପ୍ରତିଷେଧକ ବ୍ୟବସ୍ଥା

ଭୁବନେଶ୍ୱର: ବିଶ୍ୱର ସର୍ବବୃହତ୍ ହୋମିଓପାଥିକ୍ କ୍ଲିନିକ ଡଃ ବାତ୍ରାସ୍, କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଲୋକ ମାନଙ୍କୁ ମାଗଣାରେ ହୋମିଓପାଥିକ ପ୍ରତିଷେଧକ ଔଷଧ ପ୍ରଦାନ କରିବାକୁ ଘୋଷଣା କରିଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏହି ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ହୋମିଓପାଥିକ ଔଷଧ ଆର୍‌ସେନିକ୍ ଏଏଲ୍‌ବି ୩୦ର ବ୍ୟବହାର କରିବାକୁ ପରାମର୍ଶ ଜାରି କରାଯାଇଛି। ଏହି ଔଷଧକୁ ଦେଶବ୍ୟାପୀ ୧୨୩ଟି ସହରରେ ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ପ୍ରାୟ ୨୦୦ ଡା. ବାତ୍ରାଜ୍ କ୍ଲିନିକ୍‌ରେ ମାଗଣାରେ ବିତରଣ କରାଯିବ।କରୋନା ଭାଇରସ୍‌ର ଲକ୍ଷଣଗୁଡିକ ଫ୍ଲୁ ତଥା ସାଧାରଣ ଥଣ୍ଡା, କାଶ, ଜ୍ୱର ଓ ମୁଣ୍ଡବ୍ୟଥା ସହ ସମାନ ହୋଇଥାଏ। ଅଧିକାଂଶ ସମୟ ଯାତ୍ରା କରୁଥିବା ଲୋକେ ଅଧିକ ଦୁର୍ବଳ ହୋଇଥାନ୍ତି ଓ ସେମାନଙ୍କୁ ଏହି ସଂକ୍ରମଣ ହେବାର ସମ୍ଭାବନା ରହିଥାଏ। ଗର୍ଭବତୀ ମହିଳା, ପିଲା ତଥା ବୟସ୍କ ଏବଂ ଆସ୍ଥମା, ମଧୁମେହ, ହୃଦ୍‌ରୋଗ ଓ ଅନ୍ୟାନ୍ୟ ଶ୍ୱାସ ସମ୍ବନ୍ଧିତ ରୋଗରେ ପୀଡିତ ଥିବା ଲୋକମାନେ ଏହି ଭାଇରସ୍‌ରେ ଶିକାର ହେବାର ଅଧିକ ଆଶଙ୍କା ଥାଏ।ଏହା ସମ୍ପର୍କରେ ଡା. ବାତ୍ରା ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ସଂସ୍ଥାପକ ପଦ୍ମଶ୍ରୀ ଡା. ମୁକେଶ ବାତ୍ରା କହିଛନ୍ତି, "ଦେଶବ୍ୟାପୀ ୧୨୩ଟି ସହରରେ ଆମର ପହଂଚ ଓ ଉପସ୍ଥିତି ଏବଂ ୪୦୦ରୁ ଅଧିକ ଚିକିତ୍ସା ବିଶେଷଜ୍ଞଙ୍କ ସହ ଆମେ ଏହି ସଂକ୍ରମଣକୁ ରୋକିବା ପାଇଁ ହୋମିଓପାଥିର ବ୍ୟବହାର କରିବା ନେଇ ଭାରତ ସରକାରଙ୍କ ପ୍ରୟାସକୁ ସହଯୋଗ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛୁ। ଏହା ଆମକୁ ଆମର 'ଏକ ରୋଗ-ମୁକ୍ତ ଭାରତ' ଲକ୍ଷ୍ୟକୁ ହାସଲ କରିବା ଦିଗରେ ସହଯୋଗ କରିବ।"ଏହି ମାଗଣା ପ୍ରତିଷେଧକ ବ୍ୟବସ୍ଥା ପାଇବା ପାଇଁ ଉପଭୋକ୍ତାମାନେ ସେମାନଙ୍କ ନିକଟସ୍ଥ ଡା. ବାତ୍ରାସ୍ କ୍ଲିନିକ୍ କିମ୍ବା www.drbatras.comକୁ ଯାଇପାରିବେ। ଆପଣଙ୍କର ମାଗଣା ହୋମିଓପାଥିକ ପ୍ରତିଷେଧକ ଔଷଧ ସଂଗ୍ରହ କରିବାଲାଗି ଆସନ୍ତା ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ୯୧୬୭୭୯୧୬୭୭କୁ କଲ୍ କରନ୍ତୁ।

ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ସାମିଲ ହେଲା ଫେନ୍ସିଙ୍ଗ୍

ନୂଆଦିଲ୍ଲୀ : ଯେତେବେଳେ ଆମେ ଅଲିମ୍ପିକ୍ସରେ ଭାରତର ସର୍ବଶ୍ରେଷ୍ଠ ବାଜି କଥା ଚିନ୍ତା କରିଥାଉ ସେତେବେଳେ ଆମ ମନକୁ ପ୍ରଥମ ୩ଟି ଖେଳ ହିଁ ଆସିଥାଏ, ଆଉ ତାହା ହେଉଛି ସୁଟିଙ୍ଗ୍, କୁସ୍ତି ଓ ବ୍ୟାଡ୍‌ମିଂଟନ। କିନ୍ତୁ ଭାରତ ସରକାର ଏବେ ଅନ୍ୟ କ୍ଷେତ୍ରରେ ମଧ୍ୟ ପ୍ରତିଭା ଅନ୍ୱେଷଣ ପାଇଁ ଚେଷ୍ଟା କରୁଛନ୍ତି। ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଫେନ୍ସିଙ୍ଗର ଆୟୋଜନ ହେଲେ ଏହି ଖେଳ ଏକ ବିଶାଳ ମଂଚ ପ୍ରଦାନ କରିବ। ଏହି କ୍ରୀଡା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଡେବ୍ୟୁ କରିବାକୁ ଯାଉଛି। ଦେଶର କୋଣଅନୁକୋଣରେ ଥିବା ଫେନ୍ସରମାନେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରିବା ପାଇଁ ଖୁବ୍ ଉତ୍ସାହିତ ଅଛନ୍ତି, ଯାହାକି ଆସନ୍ତା ଫେବୃଆରୀ ୨୨ରୁ ମାର୍ଚ୍ଚ ୧ ତାରିଖ ୨୦୨୦ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି।ଏସମ୍ପର୍କରେ ଗୁରୁ ନାନକ ଦେବ୍ ୟୁନିଭର୍ସିଟି ଟିମ୍‌ର ଜଗ୍‌ମିତ କୌର କହିଛନ୍ତି, ଭାରତର ଫେନ୍ସରମାନେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଖେଳିବା ଦ୍ୱାରା ଅଧିକ ଏକ୍ସପୋଜର ପାଇପାରିବେ। ଗତବର୍ଷ ସାଉଥ୍ ଏସିଆନ୍ ଗେମ୍ସରେ ଗୋଲ୍ଡ (ଟିମ୍ ଇଭେଂଟ୍) ଜିତିଥିବା ଜଗ୍‌ମିତଙ୍କ ମତରେ, ଭାରତରେ ଖେଲୋ ଇଣ୍ଡିଆ ଏବେ ଏକ ବ୍ରାଣ୍ଡରେ ପରିଣତ ହୋଇଛି। ପଞ୍ଜାବି ୟୁନିଭର୍ସିଟି ଟିମ୍ ପକ୍ଷରୁ ଖେଳିବାକୁ ଥିବା ଏନା ଅରୋରା କହିଛନ୍ତି, ସରକାରଙ୍କ ପକ୍ଷରୁ ନିରନ୍ତର ସମର୍ଥନ ଯୋଗୁ ଭାରତୀୟ ଫେନ୍ସରମାନେ ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅଧିକ ଉନ୍ନତ ପ୍ରଦର୍ଶନ କରିପାରିବେ। ଏହା ଏକ ଭଲ କଥା ଯେ, ଭାରତ ସରକାର ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ମାଧ୍ୟମରେ ଫେନ୍ସିଙ୍ଗ୍‌କୁ ସମର୍ଥନ କରୁଛନ୍ତି। ସରକାରଙ୍କ ନିରନ୍ତର ସମର୍ଥନ ସହ ଭାରତୀୟ ଖେଳାଳିମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବେ ବୋଲି ମୁଁ ନିଶ୍ଚିତ। ସର୍ବୋଚ୍ଚ ସ୍ତରରେ ମେଡାଲ ଜିତିବା ପାଇଁ ଏବେ ଆମ ପାଖରେ ଉନ୍ନତ ସୁଯୋଗ ରହିଛି। ତାମିଲନାଡୁର ଫେନ୍ସିର ଆର୍‌ଏସ୍ ସେରଜିନ୍ ୭ ବର୍ଷ ବୟସରଙ୍କ ଫେନ୍ସିଙ୍ଗ ପ୍ରାକ୍ଟିସ୍ କରିବା ପାଇଁ ଆର୍ମି ସ୍ପୋର୍ଟସ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗ ଦେଇଥିଲେ। ସେରଜିନ୍ ବିଶ୍ୱାସ କରୁଛନ୍ତି ଯେ, ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଜୁନିୟର ଓ ସିନିୟର ସ୍ତରର ପ୍ରତିଯୋଗିତା ମଧ୍ୟରେ ଏକ ବ୍ରିଜ୍ ଭାବେ କାମ କରିବ। ଜୁନିୟରରୁ ସିନିୟର ବର୍ଗକୁ ଯିବା ଅତ୍ୟନ୍ତ କଠିନ ହୋଇଥାଏ। ତେଣୁ ଖେଳାଳିମାନେ ନିଜ ପ୍ରତିଭାର ପ୍ରଦର୍ଶନ କରିବା ଲାଗି ବିଶ୍ୱ ବିଦ୍ୟାଳୟ ସ୍ତରରେ ପ୍ରଦର୍ଶନ କରିପାରିବେ। ସେମାନେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ମଧ୍ୟ ଅଂଶଗ୍ରହଣ କରିପାରିବେ। ସେହିପରି ଗୁରୁ ନାନକ ଦେବ୍ ୟୁନିଭର୍ସିଟିର ଉଦୟବୀର ସିଂହଙ୍କ ମତରେ, ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଭାରତର ଅଧିକାଂଶ ଫେନ୍ସରଙ୍କୁ ବଡ ଏକ୍ସପୋଜର ପ୍ରଦାନ କରିବ। ଭାରତରେ ପ୍ରତିଦ୍ୱନ୍ଦୀ ସ୍ତର ଖୁବ୍ କମ୍ ରହିଛି। ମୁଁ ଗତ ଦେଢ ବର୍ଷ ହେବ ଫ୍ରାନ୍ସରେ ପ୍ରଶିକ୍ଷଣ ନେଇ ଆସୁଥିଲି ଏବଂ ଭାରତ ତୁଳନାରେ ସେଠାକାର ଫେନ୍ସରମାନେ ଅଧିକ ଉନ୍ନତ। କାରଣ ଭାରତର ଫେନ୍ସରଙ୍କ ନନିକଟରେ ଅଧିକ ଏକ୍ସପୋଜର ନାହିଁ। ଯେତେବେ ଅଧିକ ଏକ୍ସପୋଜର ମିଳିବ ଖେଳାଳିମାନେ ସେତେ ଅଧିକ ଉନ୍ନତ ହୋଇପାରିବେ।

ବ୍ରହ୍ମାନନ୍ଦ ନାରାୟଣ ମଲ୍ଟି ସ୍ପେସାଲିଟି ହସ୍ପିଟାଲ୍‌ରେ "ବ୍ଲୁ ବେବି"ର ସଫଳ ଚିକିତ୍ସା

ଭୁବନେଶ୍ୱର; ନ୍ୟାସ୍‌ନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ ଅନୁଶାରେ ଶିଶୁ ମୃତ୍ୟୁ ହାର (ଆଇ.ଏମ୍.ଆର୍) ଭାରତରେ ୧୦୦୦ରୁ ୩୪ କେବଳ ଜନ୍ମମୃତ୍ୟୁ ହିଁ ହୋଇଥାଏ, ଯେଉଁଥିରୁ ୧୦ ପ୍ରତିସତ ଶିଶୁ କେବଳ ହୃଦ୍‌ରୋଗ ଜନିତ ରୋଗ କାରଣରୁ ପ୍ରାଣ ହରାଇଥାନ୍ତି। ବିକଶିଳ ଦେଶମାନଙ୍କରେ "ବ୍ଲୁ ବେବି" ଏକ ଚିନ୍ତାର ବିଷୟ ପାଲଟିଛି, ଖାସ୍ କରି ଗ୍ରାମିଣ ଅଚଂଳମାନଙ୍କରେ । ଏହି ପ୍ରକାର ଶିଶୁମାନେ ଏକ ହୃଦ୍‌ରୋଗ ଜନିତ ରୋଗ ସହିତ ଜନ୍ମନେଇଥାନ୍ତି ଓ ଏମାନଙ୍କୁ ତୁରନ୍ତ ସଠିକ୍ ଚିକିତ୍ସାର ଅବଶ୍ୟକତା ଥାଏ। ନିକଟରେ ପ୍ରକାଶ ପାଇଥିବା ତଥ୍ୟ ଅନୁଶାରେ ଓଡିଶାରେ ମଧ୍ୟ ପ୍ରତି ୨୪ ଘଣ୍ଟାରେ ୨୩ ଜଣ ହୃଦ୍‌ରୋଗ ଜନିତ ରୋଗରୁ ମୃତ୍ୟୁମୁଖରେ ପଡୁଛନ୍ତି। କିଛିକ୍ଷେତ୍ରରେ ନବଜନ୍ମିତ ଶିଶୁ ମଧ୍ୟ ଏହାର ଶିକାର ହେଉଛନ୍ତି, ଯାହା ସ୍ପଷ୍ଟ ସୁଚାଉଛି କି ଆସନ୍ତା ପିଢି ପ୍ରତି ମଧ୍ୟ ଏହି ରୋଗର ଆସଙ୍କା ରହିଛି । ଏହି ଦିଗରେ ସଚେତନତା ସୃଷ୍ଟିକରିବା ସହିତ ଓଡିଶାରେ ସଠିକ୍ ସମୟରେ ଚିକିତ୍ସା ଉପଲବ୍ଧ କରିବା ପାଇଁ ନାରାୟଣ ହେଲ୍‌ଥ ସର୍ବଦା ଚେଷ୍ଟା କରିଥାଏ । ନିକଟରେ ବ୍ରହ୍ମାନନ୍ଦ ନାରାୟଣ ମଲ୍ଟିସ୍ପେସାଲିଟି ହସ୍ପିଟାଲ୍ ଏକ ୩ ଦିନର ଶିଶୁକୁ ଚିକିତ୍ସା କରିବାରେ ସଫଳ ହୋଇଛି, ଯାହାରକି ଜନ୍ମରୁ ହିଁ ଫୁସ୍‌ଫୁସ୍ ଧମନି ନଥିଲା । ଏହି ସଫଳ ଚିକିତ୍ସା ହୃଦ୍‌ରୋଗ ଏବଂ ଶିଶୁରୋଗ ବିଶେଷଜ୍ଞ ଡଃ.ପଙ୍କଜ୍ କୁମାର ଗୁପ୍ତାଙ୍କ ତତ୍ତ୍ୱବଧାନରେ ତଥା ଏଚ୍.ଓ.ଡି,ଆନେଷ୍ଟଥିଆ ଡଃ. ଉମେଶ ପ୍ରସାଦ ଏବଂ ହୃଦ୍‌ରୋଗ ବିଶେଷଜ୍ଞ ଡଃ. ଅଭୟ କ୍ରିଷ୍ଣାଙ୍କ ଉପସ୍ଥିତିରେ ହୋଇଥିଲା ।ହୃଦ୍‌ରୋଗ ଏବଂ ଶିଶୁରୋଗ ବିଶେଷଜ୍ଞ ଡଃ.ପଙ୍କଜ୍ କୁମାର ଗୁପ୍ତା କହିଛନ୍ତି ଯେ, " ଫୁସ୍‌ଫୁସ୍ ଧମନୀ ଜନିତ ରୋଗ ଏକ ଦୁର୍ଲଭ ବିମାରି ଏହା ୧୦୦୦ଶିଶୁରେ ୧ଜଣକୁ ହୋଇଥାଏ, ଜଦି ସଠିକ୍ ସମୟରେ ଚିକିତ୍ସା ନ କରାଯାଏ ଏହା ଜୀବନ ପ୍ରତି ବିପଦ ସାଜିଥାଏ । ଏହି ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷଣ ପରେ ଜଣା ପଡିଲା ଯେ ଶିଶୁର ଫୁସ୍‌ଫୁସ୍ ଧମନୀ ଜନ୍ମରୁ ହିଁ ନାହିଁ, ଯାହାକି ମଣିଷ ଶରୀରର ଏକ ଅତ୍ୟାବଶ୍ୟକିୟ ଅଙ୍ଗ । ଶିଶୁର ଅଶୁଦ୍ଧ ରକ୍ତ ଶରୀରରେ ମିଶୁଥିଲା ଯାହା କାରଣରୁ ଶିଶୁର ଦେହର ରଙ୍ଗ ନିଳ ପଡିଯାଉଥିଲା , ସାଧାରଣତଃ ଏହାକୁ "ବ୍ଲୁ ବେବି" କୁହାଯାଇଥାଏ ।""ହସ୍ପିଟାଲରେ ଭର୍ତି ହେବା ସମୟରେ ଶିଶୁ ଅତ୍ୟନ୍ତ ଖରାପଥିବା ସମୟରେ ଶରୀରରେ ଅମ୍ଳଜାନ ପରିମାଣ ୧୦-୧୨ପ୍ରତିଶତ ରହିଥିଲା । ସାଧାରଣତଃ ଏହି ପରିସ୍ଥିତିରେ ଶିଶୁକୁ ୧ମାସ ପର୍ଯ୍ୟନ୍ତ ବଚାଂଇ ରଖିହୋଇଥାନ୍ତା । ଶିଶୁକୁ ତୁରନ୍ତ କ୍ୟାଥ୍ ଲ୍ୟାବ୍‌ରେ ଭର୍ତିକରାଯାଇ ପି.ଡି.ଏ ଷ୍ଟେନିଂଗ ପ୍ରକ୍ରିୟାରେ ଚିକିତ୍ସା କରାଯାଇଥିଲା, ଯଦି ଏହା କିଛି ମୁହୁର୍ତ ବିଳମ୍ବ ହୋଇଥାନ୍ତା ଶିଶୁକୁ ବଚାଇବା ଆମ ପାଇଁ ମଧ୍ୟ କଷ୍ଟକର ହୋଇ ଯାଇଥାନ୍ତା ବୋଲି ହୃଦ୍‌ରୋଗ ବିଶେଷଜ୍ଞ ଡଃ. ଅଭୟ କ୍ରିଷ୍ଣା କହିଛନ୍ତି ।""ଏହି ନବଜାତ ଶିଶୁକୁ ପ୍ରଥମ ପର୍ଯ୍ୟୟରେ ସଫଳ ଚିକିତ୍ସାପରେ ୨ୟ ପର୍ଯ୍ୟୟର ଓପନ୍ ହାର୍ଟ ସର୍ଜରୀ ୧ରୁ ୧.୫ ବର୍ଷ ଭିତରେ କରାଯାଇ ଶିଶୁକୁ ସମ୍ପୁର୍ଣ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

Bhubaneswar Wednesday February 12 | ଭୁବନେଶ୍ୱର | ବୁଧବାର, ଫେବୃଆରୀ ୧୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଭଲ୍‌ଭୋର ସମସ୍ତ କାର୍ ଭାରତରେ ଏବେ ବିଏସ୍‌ଭିଆଇ ପ୍ରମାଣିତ

ଭୁବନେଶ୍ୱର: ଭଲ୍‌ଭୋ କାର୍ ଇଣ୍ଡିଆ ସଫଳତାର ସହ ଚଳିତ ବର୍ଷ ଫେବୃଆରୀ ଠାରୁ ଏହାର ସମସ୍ତ ରେଞ୍ଜରେ ବିଏସ୍‌ଭିଆଇ ପ୍ରମାଣିତ କାର୍‌ର ଉନ୍ମୋଚନ କରିଛି । କମ୍ପାନୀର କାରଖାନାଗୁଡ଼ିକରେ ନିର୍ମିତ ହୋଇଥିବା ତଥା ଆମଦାନୀ କରାଯାଇଥିବା ସମସ୍ତ କାରଗୁଡ଼ିକ ବର୍ତ୍ତମାନ ବିଏସ୍‌ଭିଆଇ ପ୍ରମାଣିତ । ଏହାର ଗ୍ରାହକମାନଙ୍କୁ ଅଧିକରୁ ଅଧିକ ସ୍ଥାୟୀ ଉତ୍ପାଦ ପ୍ରଦାନ କରିବା ଦିଗରେ ଭଲ୍‌ଭୋ କାର୍ ଇଣ୍ଡିଆର ପ୍ରତିଶ୍ରୁତିରୁ ଏହା ପ୍ରତିଫଳିତ ।

ଏ ସମ୍ପର୍କରେ ଭଲ୍‌ଭୋ କାର୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଚାର୍ଲସ୍ ଫ୍ରମ୍ କହିଛନ୍ତି ଯେ, ''ବିଶେଷ କରି ୨୦୧୯ରେ ଏହି ଶିଳ୍ପର ପ୍ରଦର୍ଶନକୁ ଦୃଷ୍ଟିରେ ରଖିଲେ ବିଏସ୍‌ଆଇଭିରୁ ବିଏସ୍‌ଭିଆଇକୁ ପରିବର୍ତନ କାର୍ଯ୍ୟ ଅତ୍ୟନ୍ତ ଜଟିଳ ଥିଲା ।

ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ପକ୍ଷରୁ ତୁଳସୀ ସ୍ୱାଦରେ ଆଫ୍ରେସ୍ ଏନର୍ଜି ଡ୍ରିଙ୍କ୍ ମିକ୍ସ ଉନ୍ମୋଚିତ

ଭୁବନେଶ୍ୱର: ପୁଷ୍ଟିର ବିଶ୍ୱସ୍ତରୀୟ ସଂସ୍ଥା ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ପକ୍ଷରୁ ତୁଳସୀ ସ୍ୱାଦରେ ଆଫ୍ରେସ୍ ଡ୍ରିଙ୍କ୍ ମିକ୍ସକୁ ଉନ୍ମୋଚନ କରାଯାଇଛି । ଆଫ୍ରେସ୍ ହେଉଛି ଏକ ସ୍ଫୂର୍ତ୍ତିଦାୟକ ଓ ସତେଜ ଶକ୍ତି ପ୍ରଦାନକାରୀ ପାନୀୟ ମିଶ୍ରଣ ଯେଉଁଥିରେ ରହିଛି ଅରେଂଜ୍ ପିକୋ ଉପାଦାନ, ଗ୍ରିନ୍ ଟି ଉପାଦାନ ଓ ପ୍ରାକୃତିକ କେଫିନ୍ ପାଉଡର ଯାହାକୁ ଦିନର ଯେକୌଣସି ସମୟରେ ଗରମ କିମ୍ବା ଥଣ୍ଡା ପାନିୟ ଭାବେ ବ୍ୟବହାର କରିହେବ । ତୁଳସୀ ସ୍ୱାଦକୁ ସତେଜ କୃଷ୍ଣ ତୁଳସୀ ପତ୍ରରୁ ବାହାର କରାଯାଇଛି ଏବଂ ତୁଳସୀର ଆବଶ୍ୟକୀୟ ତୈଳ ଏହାକୁ ସତେଜ ସ୍ୱାଦ ପ୍ରଦାନ କରୁଛି । ଏହି ଶକ୍ତି ବର୍ଦ୍ଧନକାରୀ ପାନୀୟ ଅନ୍ୟାନ୍ୟ ସ୍ୱାଦ ଯଥା କମଳା, ଅଳେଇଚ, ଲେମ୍ବୁ, ପିଚ୍ ଫଳ ଓ ଡାଲଚିନି ସ୍ୱାଦରେ ଉପଲବ୍ଧ ହେଉଛି । ଆଫ୍ରେସ୍ ଏନର୍ଜି ଡ୍ରିଙ୍କ୍‌ରେ ରହିଛି ଦୁଇଟି ପ୍ରମୁଖ ଉପାଦାନ, ଆମାଜନ ଜଙ୍ଗଲରେ ମିଳୁଥିବା ବିଦେଶୀ ପ୍ରଜାତିର ଗୁଆରାନା ବୃକ୍ଷ ଓ ଅରେଂଜ୍ ପିକୋ ।

ଭାରତକୁ ଦିନିକିଆରେ ମୂଳପୋଛ କରିବା ପରେ ଟ୍ରଫି ସହ ନ୍ୟୁଜିଲାଣ୍ଡ ଦଳ ଖେଳାଳିଙ୍କ ଫଟୋପୋଜ୍

ଗ୍ରାମାଞ୍ଚଳ ଓ ଆଭ୍ୟନ୍ତରୀଣ ଇଲାକାରେ ଡିଜିଟାଲ୍ କ୍ରାନ୍ତିର ସୁଫଳ

ଭୁବନେଶ୍ୱର : ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ଉପଯୋଗ ଦ୍ୱାରା ଯେ କେବଳ ସହରାଞ୍ଚଳରେ ଔଦ୍ୟୋଗିକ ବିକାଶ ପାଇଁ ସୁଯୋଗ ସୃଷ୍ଟି ହୋଇଛି ତାହା ନୁହେଁ, ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସୁଦୂର ଆଭ୍ୟନ୍ତରୀଣ ଇଲାକାରେ ମଧ୍ୟ ଲୋକଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଏହା ପ୍ରମାଣିତ ହୋଇଛି ଓଡ଼ିଶାର ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ସୀମାନ୍ତବର୍ତ୍ତୀ ସାଲିମି ଗ୍ରାମର ୨୩ ବର୍ଷୀୟ ପି ସୁରେଶ କୁମାରଙ୍କ କ୍ଷେତ୍ରରେ । ଏହି ଗ୍ରାମରେ ସୁରେଶଙ୍କ ରହିଛି ଏକ ଛୋଟ ମୋବାଇଲ ମରାମତି ଏବଂ ରିଚାର୍ଜ ଦୋକାନ । ନିଜର କଲେଜ ପାଠ ପଢା ଛାଡ଼ି ସୁରେଶ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରି ସହରକୁ ଯାଇ ଏକ ମୋବାଇଲ ମରାମତି ଦୋକାନରେ ପ୍ରଶିକ୍ଷଣ ନେବା ସହିତ ସେଠାରେ ସହାୟକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ୨୦୧୫ରେ ସେ ନିଜ ଗ୍ରାମ ସାଲିମିକୁ ଫେରି ସେଠାରେ ଏକ ଛୋଟ ମୋବାଇଲ ମରାମତି ଏବଂ ରିଚାର୍ଜ ଦୋକାନ ଆରମ୍ଭ କରିଥିଲେ । ସେତେବେଳେ ସେଠାକାର ଲୋକେ ଖୁବ୍ କମ୍ ମୋବାଇଲ ବ୍ୟବହାର କରୁଥିବା ସହିତ ଉପଲବ୍ଧ ଟୁଜି ନେଟୱର୍କ ବ୍ୟବସ୍ଥା ଅତ୍ୟନ୍ତ ଖରାପ ରହିଥିବାରୁ ପ୍ରାଥମିକସ୍ତରରେ ବ୍ୟବସାୟ କରିବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଥିଲା ।ତେବେ ଗ୍ରାମାଞ୍ଚଳ ତଥା ଅତ୍ୟନ୍ତ ଦୁର୍ଗମ ଅଞ୍ଚଳକୁ ଡିଜିଟାଲ ସେବା ଦ୍ୱାରା ସଂଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ ରହିଥିବା ରିଲାଏନ୍ସ ଜିଓ ଯେତେବେଳେ ଏହି ଅଞ୍ଚଳକୁ ୪ଜି ନେଟୱର୍କ ସହ ଯୋଡିଲା ସେତେବେଳେ କେବଳ ସୁରେଶ ନୁହନ୍ତି , ସାଲ୍‌ମି ଓ ଆଖପାଖ ଅଞ୍ଚଳର ଗ୍ରାମବାସୀମାନଙ୍କ ପାଇଁ ଯେମିତି ଏକ ନୂତନ ସମ୍ଭାବନାର ସଞ୍ଚାର ହୋଇଥିଲା । ଅତ୍ୟାଧୁନିକ ୪ଜି ନେଟୱର୍କ ସାଙ୍ଗକୁ କମ୍ପାନୀ ପକ୍ଷରୁ ମାତ୍ର ୬୯୯ ଟଙ୍କାରେ ୪ଜି ଆଧାରିତ ଜିଓଫୋନ ଉପଲବ୍ଧ ହେବା ପରେ ଗ୍ରାମର ସବୁ ବୟସ ଲୋକଙ୍କୁ ଏହା ଆକର୍ଷିତ କରିଥିଲା । ଏହାଦ୍ୱାରା ଏଭଳି ଦୂରଦୂରାନ୍ତ ଇଲାକାରେ ଯେଉଁଠି ନିରନ୍ତର ବିଦ୍ୟୁତ୍ ସେବା ପାଇବା ଏଯାଏଁ ସ୍ୱପ୍ନ ହୋଇ ରହିଛି ସେଠାରେ ଲୋକେ ଅତି ସହଜରେ ଆଞ୍ଚଳିକ ଟିଭି ଚାନେଲ୍ ଦେଖିବାର ସୁଯୋଗ ପାଇବା ସମେତ ଖବର, ମ୍ୟୁଜିକ୍, ଖେଳ,ଚିତ୍ତବିନୋଦନ କାର୍ଯ୍ୟକ୍ରମ, ସୋସିଆଲ୍ ମିଡିଆ ଓ ଅନ୍ୟାନ୍ୟ ବହୁ କାର୍ଯ୍ୟକ୍ରମର ମଜା ନେବାର ସୁଯୋଗ ପାଇଲେ । ଏହାଦ୍ୱାରା ସାଲ୍‌ମି ଗ୍ରାମ ଏବଂ ଏହାର ଆଖପାଖ ଗାଁମାନଙ୍କରେ ଜିଓଫୋନ୍ ପାଇଁ ଲୋକଙ୍କ ମଧ୍ୟରେ ଅଧିକ ଚାହିଦା ସୃଷ୍ଟି ହେବା ସହିତ ସଂଯୋଗ ସଂଖ୍ୟା ମଧ୍ୟ ବଢିଲା, ଯାହାକି ସୁରେଶ କୁମାରଙ୍କ ବ୍ୟବସାୟ ବୃଦ୍ଧି ପାଇଁ ନୂତନ ସମ୍ଭାବନାର ଖୋରାକ୍ ଯୋଗାଇଲା ।ଏହି ଅଞ୍ଚଳରେ ସୁଲଭ ମୂଲ୍ୟରେ ଏବଂ ନିର୍ଭରଯୋଗ୍ୟ ୪ଜି ଇଣ୍ଟରନେଟ୍ ଉପଲବ୍ଧ ହେବାରୁ ସୁରେଶ କୁମାର ଲୋକମାନଙ୍କୁ ଆଜିକା ଦିନରେ ଆବଶ୍ୟକ ପଡୁଥିବା ଇଣ୍ଟରନେଟ୍ ଅଧାରିତ ଡିଜିଟାଲ୍ ସେବା ଯୋଗାଇ ଦେବା ନେଇ ଉତ୍ସାହିତ ହେଲେ ।

ପ୍ଲେଜ୍‌ଫର୍‌ସୋଲାର ଅଭିଯାନର ଶୁଭାରମ୍ଭ କଲା ଟାଟା ପାୱାର ସୋଲାର

କଟକ: ଟାଟା ପାୱାର ସୋଲାର, ଭାରତର ସର୍ବବୃହତ ସୌର ଶକ୍ତି କମ୍ପାନି ତଥା ଟାଟା ପାୱାରର ପୂର୍ଣ୍ଣ ସହଯୋଗୀ ସଂସ୍ଥା ଆଜି ଏହାର ‘ପ୍ଲେଜ୍‌ଫର୍‌ସୋଲାର ଅଭିଯାନର ଶୁଭାରମ୍ଭ କରିଛି । ଏହି ଅଭିଯାନ ଗ୍ରାହକମାନଙ୍କୁ ଆବାସିକ ସୋଲାର ରୁଫ୍‌ଟପ୍ ସଲ୍ୟୁସନ୍ ଇନ୍‌ଷ୍ଟଲ କରି ପ୍ରଚୁର ଉପଲବ୍ଧ ଥିବା ପ୍ରାକୃତିକ ସମ୍ବଳର ବ୍ୟବହାର ପାଇଁ ପ୍ରୋତ୍ସାହିତ କରୁଛି । ଏହି ପ୍ରମୁଖ ପଦକ୍ଷେପ ଗ୍ରାହକଙ୍କ ଊର୍ଜା ଚାହିଦା ପୂରଣ ପାଇଁ ଦୀର୍ଘସ୍ଥାୟୀ ସମ୍ବଳ ବ୍ୟବହାରକୁ ପ୍ରେରିତ କରୁଛି । ବରିଷ୍ଠ ସରକାରୀ ଅଧିକାରୀ ତଥା କର୍ପୋରେଟ୍ ଶିଳ୍ପର ପ୍ରମୁଖ ନୀତିନିର୍ଦ୍ଧାରକ ପ୍ରତିନିଧିଙ୍କ ଉପସ୍ଥିତିରେ ‘ପ୍ଲେଜ୍‌ଫର୍‌ସୋଲାର୍ ଅଭିଯାନ ଆରମ୍ଭ ହୋଇଛି ।

ସାରା ଦେଶର ୬୪ଟି ସହରରେ ଏହି ଅଭିଯାନକୁ ବେଶ୍ ସଫଳତା ମିଳିଛି ଏବଂ ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଆଉ ୩୬ଟି ସହରରେ ଅଭିଯାନ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି । ଆବାସିକ ସୋଲାର ରୁଫ୍‌ଟପ୍ ଇନ୍‌ଷ୍ଟଲେସନ ଦ୍ୱାରା ଗ୍ରାହକ ବାର୍ଷିକ ପ୍ରତି ୫ କିଲୋୱାଟ୍ ପିଛା ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ସଂଚୟ କରିପାରିବେ ।

ଏକ ସ୍ୱଭାବସୂଲଭ ସଂଯୋଗ ସୃଷ୍ଟି କରିବାକୁ ଟାଟା ପାୱାର ସୋଲାର ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୌର ଶକ୍ତି ଗ୍ରଣୀୟତା ବଢ଼ାଇବାକୁ ମାର୍କେଟିଂ ଭ୍ୟାନ୍ ଆକ୍ଟିଭେସନ ଭଳି କାର୍ଯ୍ୟକଳାପ ଆୟୋଜନ କରୁଛି । ଅକ୍ଷୟ ଶକ୍ତିର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରି ‘ପ୍ଲେଜ୍‌ଫର୍‌ସୋଲାର ଦେଶର ଲୋକମାନଙ୍କୁ ସୌର ଶକ୍ତି ବ୍ୟବହାର ଦିଗରେ ଆଗେଇବାକୁ ପ୍ରେରଣା ଦେଉଛି ।

ଏକ ମଜବୁତ ଉପଭୋକ୍ତା ସମ୍ପର୍କ ବିକାଶ ଉଦ୍ଦେଶ୍ୟରେ ଟାଟା ପାୱାରର ବିଶେଷଜ୍ଞତାକୁ ସୁନିଶ୍ଚିତ କରି ଏହି ଅଭିଯାନ ବେଷ୍ଟ-ଇନ୍-କ୍ଲାସ୍ କ୍ୱାଲିଟି ଉତ୍ପାଦ, ବିଶ୍ୱଶ୍ରେଣୀୟ କଷ୍ଟମାଇଜଡ ସମାଧାନ ଏବଂ ବ୍ୟାପକ ସର୍ଭିସ ସହାୟତା ଯୋଗାଉଛି, ଯାହାକି ଗ୍ରାହକ ସନ୍ତୁଷ୍ଟୀକରଣରେ ସହାୟକ ହେବ ।

“ଆମୋଫୋଇ” ଓ ମୁକ୍ତଚିନ୍ତନବାଦୀ ଏଫ୍‌ପିଆଇ ଦଳ ପକ୍ଷରୁ ପଦ୍ମଶ୍ରୀ ଆଖ୍ୱାଡ଼ି ପ୍ରଫେସର ରାଧାମୋହନଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ) : ସଂସ୍କାରବାଦୀ ସଂଗଠନ “ଆମୋଫୋଇ” ଏବଂ ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ (ଏଫ୍‌ପିଆଇ)ର ମିଳିତ ଉଦ୍ୟମରେ ଭୁବନେଶ୍ୱର ଧର୍ମବିହାର କଲୋନୀ ସ୍ଥିତ “ଆମୋଫୋଇ” କାର୍ଯ୍ୟାଳୟର କୋପରନିକସ୍ ହଲରେ ସଂସ୍ଥାର ସଭାପତି ମାନସ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଗତ ରବିବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବିଶିଷ୍ଟ ଶିକ୍ଷାବିତ୍, ପରିବେଶ-ବିଜ୍ଞାନୀ ଓ ଗାନ୍ଧିବାଦୀ ବୁଦ୍ଧିଜୀବୀ ଭାବେ ସୁପରିତ ପ୍ରଫେସର ରାଧାମୋହନ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଥିବାରୁ ଉକ୍ତ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଫେସର ରାଧାମୋହନ ସାଧାରଣ ଜୀବନରେ ଯେଉଁ ମାନବିକ ମୂଲ୍ୟବୋଧ, ପରିବେଶ ସଚେତନତା, ଜୈବିକ କୃଷି ଓ

ସେବାକ୍ଷେତ୍ରରେ ଆଦର୍ଶ ସୃଷ୍ଟି କରିଛନ୍ତି ସେ ବିଷୟରେ ପ୍ରଥମେ “ଆମୋଫୋଇ” ପ୍ରତିଷ୍ଠାତା ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ସୂଚନା ଦେବାସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଫେସର ରାଧାମୋହନଙ୍କ ଅବଦାନ ଓ ବ୍ୟକ୍ତିତ୍ୱ ଉପରେ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ‘ସମ୍ଭବ’ ଅନୁଷ୍ଠାନ କିପରି କୃଷିକ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି ସେ ବିଷୟରେ ଏଫ୍‌ପିଆଇ ସଭାପତି ଡ଼.ବିଜୟାନନ୍ଦ କର, ଅଧ୍ୟାପକ ଧନେଶ୍ୱର ସାହୁ, ହେତୁବାଦୀ ନେତା ସୁଧାଂଶୁ ଶେଖର ଧଡ଼ା, ବିଏସ୍‌ପି ନେତା ମଧୁସୂଦନ ଯାଦବ, ନିରୀଶ୍ୱରବାଦୀ ଚିକିତ୍ସକ ଡ଼ଃ ନିହାର ରଂଜନ ମହାପାତ୍ର, ହେତୁବାଦୀ ଚିନ୍ତକ ସିଦ୍ଧାର୍ଥ ରଂଜନ ଆଦି ନିମନ୍ତ୍ରିତ ଅତିଥିମାନେ ନିଜ ନିଜର ଭାବନା ପ୍ରକାଶ କରିଥିଲେ । ପ୍ରଫେସର ରାଧାମୋହନ ଉତ୍ସବରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ରାସାୟନିକ ସାର, କୀଟନାଶକ ଔଷଧ କିପରି ପରିବେଶ ଧ୍ୱଂସ କରିବା ସହ ବିଭିନ୍ନ ରୋଗ ସୃଷ୍ଟି କରୁଛି ତାହାର ଏକ ମର୍ମସ୍ପର୍ଶୀ ବର୍ଣ୍ଣନା ସେ ସଭାରେ ଉପସ୍ଥାପନ କରିଥିଲେ । ଜୈବ ବିବିଧତାକୁ ଧ୍ୱଂସ କଲେ ଏବଂ ପରିବେଶକୁ ପ୍ରଦୂଷିତ କରିଚାଲିଲେ ସଭ୍ୟତାର ଭବିଷ୍ୟତ କିପରି ଅନ୍ଧକାରମୟ ହେବ ସେ ବିଷୟରେ ସେ ତାଙ୍କର ସୁଚିନ୍ତିତ ମତ ରଖିଥିଲେ । “ଅମୋଫୋଇ” ଅନୁଷ୍ଠାନର ଶ୍ରୀମତୀ ସ୍ୱପ୍ନାବିଜୟିନୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସମାଜରୁ ଜାତିପ୍ରଥା ଜନିତ ଭେଦଭାବ ବ୍ୟବସ୍ଥାକୁ ଦୂରକରିବା ପାଇଁ ଜାତି-ଜାତକ-ପୁରୋହିତବିହୀନ ବିବାହ ଓ ଏକ-ସନ୍ତାନ ପରିବାର କିପରି ଏକ ସୁସ୍ଥ ମାନବିକ ସମାଜ ଗଠନ ଦିଗରେ ସହାୟକ ହେଉଛି ସେ ବିଷୟରେ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ମତାମତ ଦେବାପରେ ୨ଟି ପ୍ରେମ ବିବାହ ସଭାସ୍ଥଳୀରେ ଅନୁଷ୍ଠିତ ହୋଇଥିଲା । ଯୁବ ବ୍ୟବସାୟୀ ଅରଜିତ୍ ମହାପାତ୍ର ଏବଂ ଗଣିତରେ ଉଚ୍ଚତର ଗବେଷଣାରତ ଶିବାଳିକା ପ୍ରଧାନ ଏବଂ ଗଜପତି ଜିଲ୍ଲାର ଆଦିବାସୀ ଶବର ଯୁବକଯୁବତୀ ରାଜକିଶୋର ଭୁୟାଁ ଓ ରାଜଲକ୍ଷ୍ମୀ ସାମଲୋ ଫୁଲମାଳ ଆଦାନ ପ୍ରଦାନରେ ବିବାହ କରିଥିଲେ । “ଆମୋଫୋଇ” ସଂପାଦକ ସେମାନଙ୍କୁ ସେକ୍ୟୁଲାର ଶପଥ ପାଠ କରାଇବା ପରେ ପ୍ରଫେସର ରାଧାମୋହନ ଓ ବିଶିଷ୍ଟ ଅତିଥିମାନେ ନବଦମ୍ପତିଦ୍ୱୟଙ୍କୁ ଆଶୀର୍ବାଦ କରିଥିଲେ । ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପାଇଁ ଉଦ୍ଦିଷ୍ଟ “ମାନପତ୍ର” ପାଠ କରିଥିଲେ ଅଧ୍ୟାପକ ଧନେଶ୍ୱର ସାହୁ । ଭାରତୀୟ ସଂସ୍କୃତିକ ଜୀବନରେ ସାବିତ୍ରୀ ବ୍ରତ ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ରହିଥିବା ଲିଂଗଗତ ଓ ଜାତିଗତ ଭେଦଭାବକୁ ହଟାଇବା ପାଇଁ ପ୍ରଫେସର ରାଧାମୋହନ ତାଙ୍କ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ ।

ଦକ୍ଷିଣ ଆଫ୍ରିକାର ଅଭ୍ୟାସ ଶିବିରରେ ଡେଲ୍ ଷ୍ଟେନ

ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ୍ : କଟକ ଫାଇନାଲ୍‌ରେ

ଧର୍ମଶାଳା, ୧୧/୨(ପି.ଏନ୍): ଧର୍ମଶାଳା ଫୁଟବଲ୍ ଆସୋସିଏସନ୍ ଆନୁକୂଲ୍ୟରେ ଧର୍ମଶାଳା ବାଣୀପୀଠ ଖେଳପଡିଆରେ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ ଡିଫା କପ୍ ଓ ଦ୍ୱିତୀୟ ବାର୍ଷିକ ରଣଜିତ୍ ମେମୋରିଆଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ଆଜି ଆୟୋଜକ ଡିଫାକୁ ୧-୦ ଗୋଲ୍‌ରେ ପରାସ୍ତ କରି କଟକର ବାପୁଜୀ ସ୍ପୋର୍ଟିଂ କ୍ଲବ ଫାଇନାଲରେ ପ୍ରବେଶ କରିଛି । ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କଟକ ଦଳର ଧ୍ରୁବ କାରୁଆ ଏକମାତ୍ର ବିଜୟସୂଚକ ଗୋଲ୍ ସ୍କୋର କରିଥିଲେ । ରେଫରୀ ଚିତରଂଜନ ଓଝା, ଶୈଳେସ ପାଣି, ସେକ୍ ସଲିମ୍ ଅହମ୍ମଦ ଓ ତନ୍‌ବୀର ତାଜ୍ ଖେଳ ପରିଚାଳନା କରିଥିଲେ । ଆସୋସିଏସନ୍‌ର ସଭାପତି ପ୍ରମୋଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ

ଉତ୍ସବରେ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ ମୁଖ୍ୟଅତିଥି ଓ ଯୁବ ସଂଗଠକ ସଂଗ୍ରାମ କେଶରୀ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ଧ୍ରୁବ କାରୁଆଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଆସନ୍ତାକାଲି ଫାଇନାଲ ମ୍ୟାଚ୍ କଟକର ବାପୁଜୀ ସ୍ପୋର୍ଟିଂ କ୍ଲବ୍ ଓ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ ବୋଲି ଡିଫାର ସାଧାରଣ ସଂପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି ।

ଏଚ୍‌ଡିଏଫ୍‌ସି ଲାଇଫ୍ ପକ୍ଷରୁ ସଂଚୟ ପର୍ ଆଡ୍‌ଭାନ୍‌ଟେଜ୍ ଯୋଜନାର ଶୁଭାରମ୍ଭ

କଟକ: ଭାରତର ଅଗ୍ରଣୀ ବୀମା କମ୍ପାନୀଙ୍କ ମଧ୍ୟରୁ ଗୋଟିଏ ଏଚ୍‌ଡିଏଫ୍‌ସି ଲାଇଫ ଜୀବନ ବୀମା କମ୍ପାନୀ ପକ୍ଷରୁ ସଂଚୟ ପର୍ ଆଡ୍‌ଭାନ୍‌ଟେଜ୍ ନନ୍-ଲିଙ୍କଡ୍ ପାର୍ଟିସିପେଟିଙ୍ଗ ଇନସ୍ୟୁରାନ୍ସ ପ୍ଲାନ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ପ୍ଲାନ୍ ଏଭଳି ଡିଜାଇନ୍ ହୋଇଛି , ଯାହାକି ଗ୍ରାହକଙ୍କୁ ଜୀବନ ବ୍ୟାପି ନିୟମିତ ଆୟ ଦେବା ସହିତ ସାରା ଜୀବନ ପାଇଁ ସୁରକ୍ଷା ପ୍ରଦାନ କରିବ ।

ଏଚ୍‌ଡିଏଫ୍‌ସି ଲାଇଫ୍ ସଂଚୟ ପର୍ ଆଡ୍‌ଭାନ୍‌ଟେଜ ସର୍‌ଭାଇଭାଲ୍ ବେନିଫିଟ୍ ପେଆଉଟ୍‌ସ ଉପଲବ୍ଧ କରାଇବା ସହିତ ହୋଲ୍ ଲାଇଫ୍ କଭର ଏବଂ ଜୀବନ ବ୍ୟାପି ଇନକମ୍ ଏବଂ ଡ଼େଫରଡ ଇନକମ୍ ଅପସନ୍ ଦ୍ୱାରା ନିଶ୍ଚିତ ବେନିଫିଟ୍ ଓ ଟ୍ୟାକ୍ସ ବେନିଫିଟ୍ ଉପଲବ୍ଧ କରାଇଥାଏ ।

ଏଚ୍‌ଡ଼ିଏଫ୍‌ସି ଲାଇଫ ସଂଚୟ ପର୍ ଆଡ୍‌ଭାନ୍‌ଟେଜ ଗ୍ରାହକଙ୍କ ପ୍ରିମିୟମ ପେମେଣ୍ଟର ବିକଳ୍ପ ପ୍ରଦାନ କରୁଛି । ଗ୍ରାହକ ନିଜର ଆବଶ୍ୟକତା ଓ ଆର୍ଥିକ ଲକ୍ଷ୍ୟର ଯୋଜନା ଅନୁସାରେ ସେମାନଙ୍କର ପ୍ରିମିୟମ ଆମାଉଣ୍ଟ, ପ୍ରିମିୟମ ପେମେଣ୍ଟ ଟର୍ମ ଏବଂ ଅନ୍ୟ ବିକଳ୍ପ ନିଜେ ଚୟନ କରିପାରିବେ । ନିଜର ଉତ୍ତରଦାୟୀ ଲାଭକୁ ସ୍ୱୀକାର / ଅସ୍ୱୀକାର କରିବାର ବିକଳ୍ପ ମଧ୍ୟ ଏହି ପଲିସ୍‌ରେ ଉପଲବ୍ଧ ।

ଗ୍ରାହକ ଯଦି ମାସିକ ଆୟ ଚୟନ କରିଥିବେ ତେବେ ତତ୍କାଳ ଆୟ ସୁବିଧା ପ୍ରଥମ ପଲିସ୍ ଆରମ୍ଭରୁ ଉପଲବ୍ଧ ହେବ । ଯେଉଁ ଗ୍ରାହକମାନେ ବିଳମ୍ବିତ ଆୟ ବିକଳ୍ପ ଚୟନ କରିବେ, ସେମାନେ ଅଧିକ ରିଟର୍ଣ୍ଣ ଆମାଉଣ୍ଟ ପାଇବେ ଏବଂ ଏହି ବିକଳ୍ପରେ ଆୟର କିଛି ଅଂଶ ୨୫ ବର୍ଷ ପର୍ଯ୍ୟନ୍ତ ମିଳିବାର ନିଶ୍ଚିତତା ପ୍ରଦାନ କରିବ ।

ଏଚ୍‌ଡିଏଫ୍‌ସି ଲାଇଫ୍ ସଂଚୟ ପର୍ ଆଡ୍‌ଭାନ୍‌ଟେଜ ଶୁଭାରମ୍ଭ ଅବସରରେ ଏଚଡିଏଫସି ଲାଇଫର ମୁଖ୍ୟ ଆକ୍ଟୁଆରୀ ତଥା ଆପଏଣ୍ଟେଡ଼ ଆକ୍ଟୁଆରୀ ଶ୍ରୀନିବାସନ୍ ପାର୍ଥସାରଥୀ କହିଲେ, “ଏଚ୍‌ଡିଏଫ୍‌ସି ଲାଇଫ୍‌ରେ ଆମେ ନୂତନତାର ସଂସ୍କୃତି ବିକଶିତ କରିଛୁ । ଏଚ୍‌ଡ଼ିଏଫ୍‌ସି